Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ


ଖଣ୍ଡ 2

ସଂଖ୍ୟା 20

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly BADAR Qadian କାଦିଆନ ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 18 ମଇ 2017 18 ହିଜ୍‌ରତ୍ 1396 ହି.ଶ 21 ଶାବାନ୍ 1438 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଦେଖ ମୁଁ ଏହା କହି ମୋର କର୍ତ୍ତବ୍ୟ ପାଳନ କରୁଅଛି ଯେ ଗୁନାହ (ପାପ) ହେଉଛି ଏକ ବିଷ, ତାକୁ ଖାଅନାହିଁ । ଖୁଦାଙ୍କ ଅବଜ୍ଞା ଗୋଟିଏ ଅପମୃତ୍ୟୁ ସଦୃଶ ଅଟେ । ସେଥିରୁ ବଂଚ, ଦୁଆ କର, ଯଦ୍ୱାରା ତୁମକୁ ଶକ୍ତି ମିଳିବ । ଯେଉଁ ବ୍ୟକ୍ତି ବାସ୍ତବରେ ଧର୍ମକୁ ସଂସାର ଉପରେ ପ୍ରାଧାନ୍ୟ ଦେଉନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟେକ ଦୁରାଚାର ଓ ପ୍ରତ୍ୟେକ କୁକର୍ମରୁ ତୌବା (ପଶ୍ଚାତାପ) କରୁନାହିଁ ସେ ମୋ ଯମାତ ଭିତରେ ନାହିଁ ।**

## ହଜରତ ମସିହ୍ ମଉଦ[ଆ.ସ]ଙ୍କ ନୀତି ବାଣୀ

ଏହା ଭାବନାହିଁ ଯେ ଆମେ ବାହ୍ୟ ରୂପେ ବୟତ କରିନେଲୁ ବୋଲି । ବାହ୍ୟ କିଛି ବସ୍ତୁ ନୁହେଁ । ଖୁଦା ତୁମର ହୃଦୟକୁ ଦେଖୁଛନ୍ତି ଓ ତଦନୁଯାୟି ତୁମ ସହିତ ବ୍ୟବହାର କରିବେ । ଦେଖ ମୁଁ ଏହା କହି ମୋ କର୍ତ୍ତବ୍ୟ ସମ୍ପାଦନ କରୁଛି ଯେ ପାପ ହେଉଛି ଏକ ଜହର, ତାକୁ ଖାଅ ନାହିଁ । ଅଲ୍ଲାଃଙ୍କ ଅବଜ୍ଞା କରିବା ଏକ ଖରାପ ମୃତ୍ୟୁ ସଦୃଶ, ସେଥିରୁ ବଂଚ, ଦୁଆ କର । ଫଳତଃ ତୁମକୁ ଶକ୍ତି ମିଳିବ । ଯେଉଁ ବ୍ୟକ୍ତି ଦୁଆ ସମୟରେ ଖୁଦାଙ୍କୁ ପ୍ରତ୍ୟେକ ଶକ୍ତିର ଆଧାର ବୋଲି ମନେ କରୁନାହିଁ, ପ୍ରତିଶ୍ରୃତି ଥିଲେ ମଧ୍ୟ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ମିଛ ଏବଂ ପ୍ରବଂଚନାକୁ ପରିତ୍ୟାଗ କରୁନାହିଁ ସେ ମଧ୍ୟ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ସାଂସାରିକ ମୋହ ମାୟାରେ ଫସି ରହିଛି ଏବଂ ପରକାଳ ଆଡ଼କୁ ଆଖି ଉଠାଇ ଦେଖୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ପ୍ରକୃତରେ ଦୀନ୍‌କୁ ଦୁନିଆ ଉପରେ ପ୍ରାଧାନ୍ୟ ଦେଉନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟେକ ଦୁରାଚାରଠାରୁ ଓ ପ୍ରତ୍ୟେକ କୁକର୍ମରୁ ଅର୍ଥାତ୍- ମଦ, ଜୁଆ, ଖରାପ ନଜର୍, ବିଶ୍ୱାସ ଘାତକତା, ଲାଂଚ ଓ ପ୍ରତ୍ୟେକ ଅନୁଚିତ କର୍ଯ୍ୟ କଳାପରୁ ତୌବା କରୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ପାଂଚବେଳା ନମାଜର ଆବଶ୍ୟକତାକୁ ସୁନିଶ୍ଚିତ କରୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ଦୁଆ (ପ୍ରାର୍ଥନା)ରେ ମନୋନିବେଶ କରୁନାହିଁ ଓ ବିନମ୍ରତାର ସହିତ ଖୁଦାଙ୍କୁ ସ୍ମରଣ କରୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି କୁସଙ୍ଗକୁ ପରିତ୍ୟାଗ କରୁନାହିଁ, ଯିଏ ତା ଉପରେ କୁପ୍ରଭାବ ପକାଉଛି ସେ ମୋର ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ନିଜ ମା ବାପାଙ୍କର ସମ୍ମାନ କରୁନାହିଁ ଓ ସାଧାରଣ ନିର୍ଦ୍ଦେଶରେ ଯାହା କୋରାନ୍‌ର ଖିଲାଫ୍ ନୁହେଁ, ତାଙ୍କ କଥା ମାନୁନାହିଁ ଏବଂ ତାଙ୍କର ଯଥା ସମ୍ଭବ ସେବା କରିବାରେ ଯତ୍ନବାନ ନୁହେଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ନିଜ ସ୍ତ୍ରୀ ଓ ତାଙ୍କ ସମ୍ପର୍କୀୟଙ୍କ ସହିତ ନମ୍ର ବ୍ୟବହାର ଓ ଉପକାର କରେ ନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ନିଜ ପଡ଼ୋଶୀଙ୍କୁ ଛୋଟ ଛୋଟ ପୁଣ୍ୟ କାର୍ଯ୍ୟରୁ ନିବୃତ ରଖେ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ନିଜ ଦୋଷୀର ଦୋଷ କ୍ଷମା କରିବାକୁ ଚାହେଁ ନାହିଁ ଓ ଈର୍ଷାପରାୟଣ ରହେ ସେ ମୋ ଯମାତ ଭିତରେ ନାହିଁ । ପ୍ରତ୍ୟେକ ସ୍ୱାମୀ ଯିଏ ସ୍ତ୍ରୀ ସହିତ କିମ୍ବା ସ୍ତ୍ରୀ ସ୍ୱାମୀଙ୍କ ସହିତ ବିଶ୍ୱାସଘାତ କରୁଛି ସେ ମୋ ଯମାତ ଭିତରେ ନାହିଁ । ସେ ବ୍ୟକ୍ତି ଯିଏ ଉକ୍ତ ପ୍ରତିଶୃତିକୁ ଯାହାକୁ ସେ ବୟତ ସମୟରେ କରିଥିଲା କୌଣସି ପାର୍ଶ୍ୱରୁ ଭଙ୍ଗକରେ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ବାସ୍ତବିକ ମତେ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ରୂପେ ବିବେଚନା କରୁନାହିଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ସାଧାରଣତଃ ମୋ ଆଦେଶ ଗୁଡିକୁ ପାଳନ କରିବା ପାଇଁ

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତ୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପ୍ରସ୍ତୁତ ନୁହେଁ ସେ ମୋ ଯମାତ ଭିତରେ ନାହିଁ । ଯେଉଁ ବ୍ୟକ୍ତି ବିରୋଧୀଙ୍କ ଗୋଷ୍ଠୀରେ ବସୁଛି ଏବଂ ତାଙ୍କ ହଁ ରେ ହଁ ମାରୁଛି ସେ ମୋ ଯମାତ ଭିତରେ ନାହିଁ । ପ୍ରତ୍ୟେକ ବ୍ୟଭିଚାରି, ଦୁରାଚାରି, ଅବଜ୍ଞାକାରୀ ମଦ୍ୟପ, ହତ୍ୟାକାରୀ, ଚୋର, ଜୁଆଳି, ବିଶ୍ୱାସଘାତକ (କପଟି), ଭ୍ରଷ୍ଟ, ଅପହର୍ତା, ଅତ୍ୟାଚାରି, ମିଥ୍ୟାଭାଷି, ଛଳ ବ୍ୟକ୍ତି ଓ ତାଙ୍କର ସାଙ୍ଗ ସାଥି ଓ ନିଜ ଭାଇ ଭଉଣୀଙ୍କ ଉପରେ ମିଥ୍ୟାରୋପ ଲଗାଉଥିବା ବ୍ୟକ୍ତି, ଯିଏ ନିଜର ନିନ୍ଦିତ କାର୍ଯ୍ୟରୁ ତୌବା କରୁନାହିଁ ଏବଂ ଖରାପ ଗୋଷ୍ଠୀକୁ ପରିତ୍ୟାଗ କରୁନାହିଁ ସେ ମୋ ଯମାତ ଭିତରେ ନାହିଁ, ଏହା ସବୁ ହେଉଛି ଜହର । ତୁମେ ଏହି ବିଷ ଗୁଡିକୁ ଖାଇ କୌଣସି ମତେ ବଂଚିପାରିବ ନାହିଁ । ଅନ୍ଧାର ଓ ଆଲୋକ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇପାରିବେ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଯିଏ ଜଟିଳ ସ୍ୱଭାବ ରଖିଥାଏ ଏବଂ ଖୁଦାଙ୍କ ସହିତ ସ୍ୱଚ୍ଛ ନୁହେଁ ସେ ସେହି ବରକତ୍‌କୁ କଦାପି ପାଇପାରିବ ନାହିଁ ଯାହା ଖୋଲା ହୃଦୟକୁ ମିଳିଥାଏ । କେଡ଼େ ସୌଭାଗ୍ୟଶାଳୀ ଅଟନ୍ତି ସେ ବ୍ୟକ୍ତି ଯେଉଁମାନେ ନିଜ ମନକୁ ସଫା ରଖିଥାନ୍ତି ଏବଂ ନିଜ ହୃଦୟକୁ ପ୍ରତ୍ୟେକ ଅନିର୍ମଳତାରୁ ପବିତ୍ର କରିଥାନ୍ତି, ନିଜ ଖୁଦାଙ୍କ ସହିତ ନିଷ୍ଠାପର ପ୍ରତିଜ୍ଞା କରିଥାନ୍ତି କାରଣ ସେମାନ କଦାପି ନଷ୍ଟ ହେବେନାହିଁ । ଖୁଦା ତାଙ୍କୁ କେବେ ଅପମାନିତ କରିବେ ନାହିଁ । କାରଣ ସେ ଖୁଦାଙ୍କର, ଖୁଦା ହେଉଛନ୍ତି ତାଙ୍କର । ତାଙ୍କୁ ପ୍ରତ୍ୟେକ ବିପତି ସମୟରେ ବଂଚାଇ ଦିଆଯିବ । ସେ ଶତ୍ରୁ ହେଉଛି ମୁର୍ଖ ଯିଏ ତାଙ୍କ ପଛରେ ପଡ଼େ, କାରଣ ସେ ଖୁଦାଙ୍କ କୋଳରେ ଅଛନ୍ତି ଏବଂ ଖୁଦା ତାଙ୍କ ସାହାଯ୍ୟରେ ଥାଆନ୍ତି । କିଏ ଖୁଦାଙ୍କ ଉପରେ ଇମାନ୍ (ବିଶ୍ୱାସ) ଆଣିଛି ? କେବଳ ସେ ଯିଏ ଏହିପରି ଅଟେ । ସେହିପରି ସେ ବ୍ୟକ୍ତି ମଧ୍ୟ ମୁର୍ଖ ଯିଏ ଏକ ଧୃଷ୍ଟ, ପାପ, ଖଳ ଓ ଦୁର୍ଜନ ସ୍ୱଭାବର ଚିନ୍ତାରେ ମଗ୍ନ ଥାଏ । କାରଣ ସେ ନିଜେ ନିଃଶେଷ ହେବ । ଯେବେଠାରୁ ଖୁଦା ଆକାଶ ଓ ପୃଥିବୁ ସର୍ଜନା କଲାଣି କଦାପି ଏପରି ସଂଯୋଗ ହୋଇନାହିଁ ଯେ ସେ ପୁଣ୍ୟବାନ୍ ବ୍ୟକ୍ତିଙ୍କୁ ନିଃଶେଷ ଓ ଧ୍ୱସ୍ତ କରିଥିବେ ବରଂ ସେ ତାଙ୍କ ପାଇଁ ବଡ଼ ବଡ଼ କାଯ୍ୟ କରିଆସିଛନ୍ତି । ବର୍ତମାନ ମଧ ତାହା କରି ଦେଖାଇବେ । ସେ ଖୁଦା ଅତ୍ୟନ୍ତ ବିଶ୍ୱାସ ଯୋଗ୍ୟ ଖୁଦା ଅଟନ୍ତି ନିଷ୍ଠାବାନ୍ ବ୍ୟକ୍ତିଙ୍କ ନିମନ୍ତେ ତାଙ୍କର ବିଚିତ୍ର କାର୍ଯ୍ୟ ପ୍ରକାଶ ହୋଇଥାଏ । ଦୁନିଆ ଚାହୁଁଥାଏ ଯେ ତାକୁ ଖାଇଦେବ ଓ ପ୍ରତ୍ୟେକ ଶତ୍ରୁ ତାଙ୍କ ଉପରେ ଗରଗର ହୁଏ । କିନ୍ତୁ ସେ ଯେ ବାସ୍ତବିକ ତାଙ୍କର ବନ୍ଧୁ ଅଟନ୍ତି ପ୍ରତ୍ୟେକ ବିନାଶ ସ୍ଥାନରୁ ତାଙ୍କୁ ବଂଚାଇଥାନ୍ତି ଏବଂ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କୁ ବିଜୟ ପ୍ରଦାନ କରିଥାନ୍ତି । କେଡ଼େ ପୁଣ୍ୟବାନ୍ ବ୍ୟକ୍ତି ସେ ଯିଏ ଏପରି ଖୁଦାଙ୍କ କାନିକୁ ଛାଡ଼େ ନାହିଁ । ଆମେ ତା ଉପରେ ବିଶ୍ୱାସ ଆଣିଛୁ ଏବଂ ଆମେ ତାକୁ ଚିହ୍ନିଛୁ ।

**(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୧୮-୨୦)**

❀❀❀❀❀❀❀❀❀❀❀❀❀❀

**ଯେଉଁ ରମ୍‌ଜାନ୍ ସଚ୍ଚା ବଳିଦାନ ବିନା ବିତିଯାଏ ତାହା ରମ୍‌ଜାନ୍ ନୁହେଁ ଏବଂ ଯେଉଁ ତେହେରିକ୍-ଏ-ଯଦିଦ୍ ଆତ୍ମାକୁ ସତେଜ୍ ନକରି ଚାଲିଯାଏ ତାହା ତେହେରିକ୍ ଯଦିଦ୍ ନୁହେଁ ।**

ତେହେରିକ୍ ଯଦିଦ୍‌ର ପ୍ରତିଷ୍ଠାତା ସୟଦ୍‌ନା ହଜରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ପବିତ୍ର ରମ୍‌ଜାନ୍ ମାସ ସହିତ ତେହେରିକ୍ ଯଦିଦ୍‌ର ପ୍ରଗାଢ଼ ସମ୍ପର୍କ ଉପରେ ଆଲୋକପାତ କରି କହୁଛନ୍ତି:- ''ଯଦି ତୁମେ ରମ୍‌ଜାନ୍‌ରୁ ଲାଭ ଉଠାଇବାକୁ ଚାହୁଁଛ ତାହାହେଲେ ତେହେରିକ୍ ଯଦିଦ୍ ଉପରେ ଅମଲ କର ଏବଂ ଯଦି ତୁମେ ତେହେରିକ୍ ଯଦିଦ୍‌କୁ ଲାଭ ପହଂଚାଇବାକୁ ଚାହୁଁଛ ତେବେ ତୁମେ ରୋଜାରୁ ସଠିକ୍ ଲାଭ ଉଠାଅ । ତେହେରିକ୍ ଯଦିଦ୍ ଏହା ହେଉଛି ଯେ ତୁମେ ସରଳ ଜିବନଯାପନ କର । ପରିଶ୍ରମ, କଷ୍ଟ ଓ ବଳିଦାନ୍‌କୁ ନିଜ ଅଭ୍ୟାସରେ ପରିଣତ କର । ଏହି ପାଠକୁ ଶିକ୍ଷା ଦେବା ପାଇଁ ରମ୍‌ଜାନ୍ ଆସିଥାଏ । ତେଣୁ ଯେଉଁ ଉଦ୍ଦେଶ୍ୟ ପାଇଁ ରମ୍‌ଜାନ୍ ଆସିଛି ସେହି ଉଦ୍ଦେଶ୍ୟ ହାସଲ କରିବା ନିମନ୍ତେ ପ୍ରାଣ ପଣେ ଚେଷ୍ଟା କର ।... ପ୍ରତ୍ୟେକ ବ୍ୟକ୍ତିକୁ ଚେଷ୍ଟା କରିବା ଉଚିତ୍ ଯେ ତାର ରମ୍‌ଜାନ୍ ତେହେରିକ୍ ଯଦିଦ୍ ପରି ହେଉ ଏବଂ ତେହେରିକ୍ ଯଦିଦ୍ ରମ୍‌ଜାନ୍ ପରି ହେଉ । ରମ୍‌ଜାନ୍ ଆମ ନଫ୍‌ସ (ଅସ୍ତିତ୍ୱ)କୁ ମାରିବା ବାଲା ହେଉ ଏବଂ ତେହେରିକ୍ ଯଦିଦ୍ ଆମ ଆତ୍ମାକୁ ସତେଜତା ପ୍ରଦାନ କରୁ । ସୁତରାଂ ଯେବେ ମୁଁ କହିଲି ଯେ ରମ୍‌ଜାନ୍‌ର ଲାଭ ଉଠାଅ ବୋଲି ତା ଅର୍ଥ ମୁଁ ତୁମକୁ ବୁଝାଇ ଦେଉଛି ଯେ ତୁମେ ତେହେରିକ୍ ଯଦିଦ୍‌ର ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ରମ୍‌ଜାନ୍ ଦୃଷ୍ଟିକୋଣରୁ ବୁଝାଅ । ଯେତେବେଳେ ମୁଁ କହିଲି ତେହେରିକ୍ ଯଦିଦ୍ ପ୍ରତି ଧ୍ୟାନ ଦିଅ ବୋଲି ତେବେ ଅନ୍ୟ ଶବ୍ଦରେ ମୁଁ ତୁମକୁ ଏହା କହିଲି ଯେ ତୁମେ ଯେକୌଣସି ଅବସ୍ଥାରେ ମଧ୍ୟ ରମ୍‌ଜାନ୍‌ର ସ୍ଥିତିକୁ ନିଜ ଉପରେ ଲାଗୁ କର ଏବଂ ଉଚିତ୍ ବଳିଦାନ୍ ଓ ନିରନ୍ତର ବଳିଦାନକୁ ନିଜ ଭିତରେ ଅଭ୍ୟାସ କର ଯେଉଁ ରମ୍‌ଜାନ୍ ସଚ୍ଚା ବଳିଦାନ ବିନା ବିତିଯାଏ ତାହା ରମ୍‌ଜାନ୍ ନୁହେଁ ଓ ତେହେରିକ୍ ଯଦିଦ୍ ଆତ୍ମାକୁ ସତେଜତା ନଦେଇ ଚାଲିଯାଏ ତାହା ତେହେରିକ୍ ଯଦିଦ୍ ନୁହେଁ ।

**(ଖୁତ୍‌ବା ଜୁମା ୪ ନଭେମ୍ବର ୧୯୩୮)**

ଏହି ପରିପ୍ରେକ୍ଷିରେ ୧୧ ନଭେମ୍ବର ୧୯୩୮ ମସିହାର ଖୁତ୍‌ବା ଜୁମା ଶେଷରେ ହଜୁର୍ ର:ଅ ଜମାତ୍‌କୁ ତେହେରିକ୍ ଯଦିଦ୍‌ରେ ଚାନ୍ଦା ଦେଉଥିବା ବ୍ୟକ୍ତିଙ୍କ ନିମନ୍ତେ ବିଶେଷ ରୂପେ ଦୁଆର ଘୋଷଣା କରି କହିଲେ:- ''ରମ୍‌ଜାନ୍‌ର ଯେଉଁ ଶେଷ ଦଶକ ଆସିବାର ଅଛି ତାକୁ ତେହେରିକ୍ ଯଦିଦ୍ ଉଦ୍ଦେଶ୍ୟରେ ପୂର୍ବ ବଳିଦାନ ପାଇଁ କୃତଜ୍ଞତା ଓ ଆସନ୍ତା ଦିନ ପାଇଁ ଶକ୍ତି ହାସଲ କରିବା ନିମନ୍ତେ ଖର୍ଚ୍ଚ କର । ଯେଉଁମାନଙ୍କୁ ପୂର୍ବ ବର୍ଷ ଗୁଡ଼ିକରେ ବଳିଦାନର ସୁଯୋଗ ମିଳିଥିଲା ସେମାନେ ଏଥିପାଇଁ ଅଲ୍ଲାହ୍‌ଙ୍କୁ ଧନ୍ୟବାଦ ଦିଅନ୍ତୁ ଏବଂ ପ୍ରତ୍ୟେକ ପ୍ରାର୍ଥନାକାରୀ ଅଲ୍ଲାଃତାଲାଙ୍କ ନିକଟରେ ପ୍ରତ୍ୟେକ କୁର୍‌ବାନି କରିଥିବା ଲୋକଙ୍କ ପାଇଁ ଦୁଆ କରନ୍ତୁ ଯେ ସେମାନେ ଧର୍ମର ବୈଭବ ପାଇଁ ଏବଂ ସିଲ୍‌ସିଲାର ସୁଦୃଢ଼ତା ପାଇଁ ଯେଉଁ ବଳିଦାନ ଦେଇଛନ୍ତି ତାହା ବଦଳରେ ଅଲ୍ଲାଃତାଲା ତାଙ୍କ ଉପରେ ନିଜର (ଫଜଲ) କୃପା ଓ ଦୟା ଅବତୀର୍ଣ୍ଣ କରନ୍ତୁ । ଏଥିପାଇଁ ନିଜର ପ୍ରେମ ଏବଂ ବର୍‌କାତ୍ ଅବତୀର୍ଣ୍ଣ କରନ୍ତୁ । ଯେଉଁ ପ୍ରେମ ଓ ନିଃସ୍ୱାର୍ଥତା ମୁତାବକ ସେମାନେ ଖୁଦାଙ୍କ ମାର୍ଗରେ କୁର୍‌ବାନି କରିଥିଲେ'' ଆମିନ୍! **(ଅଲ୍‌ଫଜଲ୍ ୧୫ ନଭେମ୍ବର ୧୯୩୮, ପୃଷ୍ଠା-୪)**

ଯମାତ୍ ପ୍ରେମୀଙ୍କର ଆରମ୍ଭରୁ ଏହି ଅମଲ ରହିଆସିଛି ଯେ ସେମାନେ ସର୍ବଦା ରମ୍‌ଜାନ୍ ମାସର ମଝାମଝି ଭିତରେ ନିଜ ପ୍ରତିଶ୍ରୁତି ଦେଇଥିବା ଚାନ୍ଦା ତେହେରିକେ ଯଦିଦ୍ ଶତ ପ୍ରତିଶତ ପ୍ରଦାନ କରି ଅଲ୍ଲାଃତାଲାଙ୍କ କୃପା ଓ ବର୍‌କାତ୍‌କୁ ହାସଲ କରବା ପାଇଁ ଚେଷ୍ଟା କରିଥାନ୍ତି । ତେଣୁ ଏବେ ଯେତେବେଳେ ଆମେ ଅଲ୍ଲାଃତାଲାଙ୍କ ନିକଟରୁ ମିଳିଥିବା ଅନୁଗ୍ରହରୁ ପୁଣି ଥରେ ଅସଂଖ୍ୟ ଆକାଶୀୟ ଦୟା ଓ ଅନୁକମ୍ପାରେ ପୂର୍ଣ୍ଣ ଏହି ପବିତ୍ର ମାସରେ ଆମେ ପାଦ ରଖିବାକୁ ଯାଉଅଛେ । ତେହେରିକ୍ ଯଦିଦ୍‌ର ପ୍ରତ୍ୟେକ ସହଯୋଗୀଙ୍କୁ ନିବେଦନ କରାଯାଉଛି ଯେ ସେମାନେ ନିଜର ବୈଭବଶାଳୀ ଯମାତି ପ୍ରଥାକୁ ଜାରି ରଖି ୨୦ ରମ୍‌ଜାନୁଲ୍ ମୁବାରକ୍ ଅର୍ଥାତ୍ ୧୬ ଜୁନ୍ ପର୍ଯ୍ୟନ୍ତ ନିଜର ଦେୟ ସମ୍ପୂର୍ଣ୍ଣ ରୂପେ ପଇଠ କରି ହଜୁର୍ ଅ:ବ:ଅ ଙ୍କ ଗ୍ରହଣୀୟ ଦୁଆରୁ ଭାଗ ନେବା ପାଇଁ ସୌଭାଗ୍ୟ ହାସଲ କରନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍!

ସମସ୍ତ ଜିଲାଇ ଓ ସ୍ଥାନୀୟ ଅମିର୍ ମହୋଦୟ, ସଦର୍ ସାହେବ ଓ ତେହେରିକ୍ ଯଦିଦ୍‌ର ସେକ୍ରେଟାରୀ ସାହାବାନ୍ ଓ ମୋବଲିକ୍ ସାହାବାନ୍‌କୁ ମଧ୍ୟ ନିବେଦନ କରାଯାଉଛି ଯେ ଦୟାପୂର୍ବକ ନିଜ ନିଜ ଯମାତ୍‌ର ଶତ ପ୍ରତିଶତ ଦେୟ ପଇଠ କରିଥିବା ବ୍ୟକ୍ତି ବିଶେଷଙ୍କ ନାମର ସୂଚୀ ପତ୍ର ୧୬ ଜୁନ୍ ପୂର୍ବରୁ ଡାକ ଜରିଆରେ ଏବଂ ୨୧ ଜୁନ୍ ପର୍ଯ୍ୟନ୍ତ ଫାକ୍ସ ବା ଇ-ମେଲ୍ ମାଧ୍ୟମରେ ୱାକାଲତେ ତେହେରିକେ ଯଦିଦ୍ କାଦିଆନ୍‌ଙ୍କ ନିକଟକୁ ପଠାଇବାର ହୁଅନ୍ତୁ । ଯଦ୍ୱାରା ପ୍ରତ୍ୟେକ ଯମାତ୍‌ର ସୁଚୀପତ୍ର ଗୁଡ଼ିକୁ ଏକତ୍ରିତ କରି ୨୯ ରମ୍‌ଜାନ୍ ଦିନ ଇଜ୍‌ତମାଇ ଦୁଆ ନିମନ୍ତେ ସୟଦ୍‌ନା ହଜୁର୍ ଅନୱର୍ ଅ:ବ:ଅଙ୍କ ଗୋଚରେ ଉପସ୍ଥାପନ କରାଯାଇପାରିବ । ଯଜାକମୁଲ୍ଲାଃ ଖଏରନ୍ ।

**(ୱକିଲୁଲ୍‌ମାଲ୍ ତେହେରିକେ ଯଦିଦ୍ କାଦିଆନ୍)**

# ଖୁତ୍‌ବା ଜୁମା

◆ଆଜିର ଖୁତବା ନିମନ୍ତେ ମୁଁ ଅନ୍ୟ କିଛି ବିଷୟ ବସ୍ତୁର ଚୟନ କରିଥିଲି କିନ୍ତୁ କିଛି ମୃତକଙ୍କ ଜନାଯାଃ ପାଠ କରିବାର ମଧ୍ୟ ଥିଲା ଏବଂ ସେମାନଙ୍କର କିଛି ଶିକ୍ଷଣୀୟ କଥା ଦୃଷ୍ଟି ଗୋଚର ହେବା ଯୋଗୁଁ ମୁଁ ସ୍ଥିର କଲି ଆଜି ସେମାନଙ୍କର ହିଁ ଚର୍ଚ୍ଚା କରିବି ଯେଉଁମାନଙ୍କ ମଧ୍ୟରେ ଜଣେ ଶହିଦ୍ ଜଣେ ଜମାଅତର ମୁରବୀ ଓ ଜଣେ ହଜରତ ମସିହ ମଉଦ ଆ.ସଙ୍କ ନାତୁଣୀ ଅଛନ୍ତି । ସେମାନେ ଏପରି କେତେକ ସୁଗୁଣର ଅଧିକାରୀ ଥିଲେ ଯାହାକି ଜମାଅତର ପ୍ରତ୍ୟେକ ସ୍ତରର ଲୋକମାନଙ୍କ ନିମନ୍ତେ ଉଦାହରଣ ଅଟେ ଏବଂ ଆମମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ତାହା ଶିକ୍ଷା ହାସଲ କରିବା ଯୋଗ୍ୟ ଅଟେ । ତେଣୁ ମୁଁ ମନେକଲି କି ସେମାନଙ୍କ ସଂକ୍ଷିପ୍ତ ଚର୍ଚ୍ଚା କରିବା ପରିବର୍ତ୍ତେ ବିସ୍ତାର ଭାବରେ ବର୍ଣନା କରିବି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଜିବନୀ ଯାହାକି ମୋ ଦୃଷିଗୋଚର କରାଯାଇଛି । ତାହା ସେମାନଙ୍କୁ **ମନ୍ କଜା ନହ୍ ବହୁ**ର ଦୃଷ୍ଟାନ୍ତ ସାବ୍ୟସ୍ତ କରାଉଛି ।

◆ଶହିଦ୍ ଡ଼କ୍ଟର୍ ଅସ୍‌ଫାକ୍ ଅହେମଦ୍ ସାହେବଙ୍କ ଖାନଦାନରେ ଅହେମଦିୟତ୍ ତାଙ୍କ ଦଦା ଜନାବ ଶେଖ୍ ଅବଦୁଲ୍ କାଦିର ସାହେବଙ୍କ ମାଧ୍ୟମରେ ପ୍ରବେଶ କରିଥିଲା । ଯେ ହଜରତ ମସିହ ମଉଦ ଆ.ସଙ୍କ ଲୁଧିୟାନା ଆଗମନରେ ବୟତ କରି ଜମାଅତରେ ଅନ୍ତର୍ଭୁକ୍ତ ହୋଇଥିଲେ । ଶହିଦ୍ ଅଲ୍ଲାଃଙ୍କ କୃପାରୁ ମୁସି ଥିଲେ, ଖିଲାଫତ୍ ସହ ତାଙ୍କର ଅସୀମ ପ୍ରେମ ଥିଲା । ତହଜୁଦ୍ ପାଠ କରିବା, ଅତିଥି ସତ୍କାର, ଧର୍ମସେବା, କର୍ମକର୍ତାମାନଙ୍କ ଆଜ୍ଞାକାରୀ ତଥା ଉତମ ଚରିତ୍ର ସମ୍ପର୍ଣ ମଣିଷ ଥିଲେ । ଜମାଅତର ସେବା କାର୍ଯ୍ୟରେ ସର୍ବଦା ତତ୍ପର ଥିଲେ । ଧର୍ମ ପ୍ରଚାର କରିବାରେ ପ୍ରବଳ ଆଗ୍ରହ ଥିଲା । ସମସ୍ତଙ୍କ ସହ ମିଳାମିଶା ସ୍ୱଭାବ ଯୋଗୁଁ ଉଭୟ ଛାତ୍ର ତଥା ନିଜ ସାଥି ଅଧ୍ୟାପକ ସମସ୍ତଙ୍କର ପ୍ରିୟ ଥିଲେ ।

◆ଦ୍ୱିତୀୟ ମୃତକ ଶ୍ରୀମାନ ଏଚ୍. ନାସିରୁଦ୍ଦିନ ସାହେବ ମୁବଲିଗ୍ ପୂର୍ବ ଗୋଗାବରୀ ଭାରତଙ୍କର ଅଟେ । ଚଳିତ ମାସ ୭ ତାରିଖ ଦିନ ଗୋଦାବରୀ ନଦୀରେ ବୁଡ଼ି ଯିବା ହେତୁ ୪୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା **ଇନ୍ନା ଲିଲ୍ଲାଃହି ଓ୍ୱ ଇନ୍ନା ଇଲୈହି ରାହେଉନ୍** । ଅଘଟଣ ଦିନ ସେ ଅମିର ସାହେବ ସିକନ୍ଦରାବାଦ ଓ ଜମାଅତର ସଦସ୍ୟମାନଙ୍କ ସହ ନମାଜ ଫଜର୍ ପାଠ କରି ନଦୀକୁ ଗାଧୋଇବାକୁ ଯାଇଥିଲେ । ସେ ବେଶ୍ ଉତମ ସଂନ୍ତରଣକାରୀ ମଧ୍ୟ ଥିଲେ । ସେଠାରେ ପହଁରିବା ବେଳେ ନିଖୋଜ୍ ହୋଇଗଲେ । ମାଛ ଧରାଳିମାନେ ଏକ ଘଣା ଖୋଜିବା ପରେ କୂଳରେ ତାଙ୍କର ମୃତ ଶରୀର ପାଇଥିଲେ ।

◆ତାଙ୍କ ପତ୍ନୀ କୁହନ୍ତି- ଏପରି କେତେକ ସ୍ଥାନରେ ଆମକୁ ରହିବାକୁ ପଡ଼ିଛି ଯେଉଁଠାରେ କେବଳ ଜମାଅତ ସେଂଟର ଥିଲା ସେଠାରେ ସେ ମୋତେ ଓ ପିଲାମାନଙ୍କୁ ନେଇ ନମାଜ ଓ ଦରସ୍ ଦେଇଥାନ୍ତି ଏବଂ ଏହା ତାଙ୍କର ଦେହାନ୍ତର ଦିନେ ପୂର୍ବେ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ମୁରବୀ ଓ ମୁବଲିଗ୍‌ମାନଙ୍କୁ ଏଥିରୁ ଶିକ୍ଷା ହାସଲ କରିବା ଉଚିତ୍ ଯେ, ଯଦି ଲୋକେ ଦୂର ଦୂରାନ୍ତରରେ ରହୁଥାନ୍ତି ଏବଂ ନମାଜକୁ କେହି ଆସି ନପାରନ୍ତି ତେବେ ମଧ୍ୟ ନମାଜ ବାଜମାଅତ ପାଠ କରିବା ଉଚିତ୍ ଅର୍ଥାତ ନିଜ ଘର ଲୋକମାନଙ୍କୁ ଏକତ୍ର କରି ନମାଜ ପାଠ କରିବା ଉଚିତ୍ ।

◆ଅନ୍ତିମ ଚର୍ଚ୍ଚା ରାଜଜେମା ଶ୍ରୀମତି ଅମତୁମ ଓ୍ୱହିଦ୍ ବେଗମ୍ ସାହେବାଙ୍କର ଅଟେ ଯେ ମିର୍ଜା ଖୁରଶିଦ୍ ଅହେମଦଙ୍କର ପତ୍ନୀ ଥିଲେ । ଚଳିତ ମାସ ୧୦ ତାରିଖ ରାତି ୧୦ ଘଟିକା ସମୟରେ ସେ ୮୨ ବର୍ଷ ବୟସରେ ଦେହତ୍ୟାଗ କଲେ **ଇନ୍ନା ଲିଲ୍ଲାଃହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ସେ ମିର୍ଜା ଶରିଫ୍ ଅହେମଦ ସାହେବଙ୍କର ସାନ ଝିଅ ଓ ମୋର ଫୁପି ଥିଲେ । ହଜରତ ମସିହ ମଉଦ ଆ.ସଙ୍କ ନାତୁଣି ଓ ହଜରତ ନଓ୍ୱାବ ମହମ୍ମଦ ଅଲ୍ଲୀ ଖାଁଙ୍କ ଝିଅଙ୍କର ଝିଅ ଥିଲେ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୧୪ ଏପ୍ରିଲ୍ ୨୦୧୭ ଅନୁଯାୟୀ ୧୪ ଶାହାଦତ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କେତେକ ବ୍ୟବସ୍ଥା ମୂଳକ କାର୍ଯ୍ୟ ପ୍ରତି (କର୍ମକର୍ତାମାନଙ୍କ) ଧ୍ୟାନ ଆକର୍ଷିତ କରି କହିଲେ । ଆଜିର ଖୁତବା ନିମନ୍ତେ ମୁଁ ଅନ୍ୟ କିଛି ବିଷୟ ବସ୍ତୁର ଚୟନ କରିଥିଲି କିନ୍ତୁ କିଛି ମୃତକଙ୍କ ଜନାଯାଃ ପାଠ କରିବାର ମଧ୍ୟ ଥିଲା ଏବଂ ସେମାନଙ୍କର କିଛି ଶିକ୍ଷଣୀୟ କଥା ଦୃଷ୍ଟି ଗୋଚର ହେବା ଯୋଗୁଁ ମୁଁ ସ୍ଥିର କଲି ଆଜି ସେମାନଙ୍କର ହିଁ ଚର୍ଚ୍ଚା କରିବି ଯେଉଁମାନଙ୍କ ମଧ୍ୟରେ ଜଣେ ଶହିଦ୍ ଜଣେ ଜମାଅତର ମୁରବୀ ଓ ଜଣେ ହଜରତ ମସିହ ମଉଦ ଆ.ସଙ୍କ ନାତୁଣୀ ଅଛନ୍ତି । ସେମାନେ ଏପରି କେତେକ ସୁଗୁଣର ଅଧିକାରୀ ଥିଲେ ଯାହାକି ଜମାଅତର ପ୍ରତ୍ୟେକ ସ୍ତରର ଲୋକମାନଙ୍କ ନିମନ୍ତେ ଉଦାହରଣ ଅଟେ ଏବଂ ଆମମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ତାହା ଶିକ୍ଷା ହାସଲ କରିବା ଯୋଗ୍ୟ ଅଟେ । ତେଣୁ ମୁଁ ମନେକଲି କି ସେମାନଙ୍କ ସଂକ୍ଷିପ୍ତ ଚର୍ଚ୍ଚା କରିବା ପରିବର୍ତ୍ତେ ବିସ୍ତାର ଭାବରେ ବର୍ଣନା କରିବି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଜିବନୀ ଯାହାକି ମୋ ଦୃଷିଗୋଚର କରାଯାଇଛି । ତାହା ସେମାନଙ୍କୁ **ମନ୍ କଜା ନହ୍ ବହୁ**ର ଦୃଷ୍ଟାନ୍ତ ସାବ୍ୟସ୍ତ କରାଉଛି । ଯେ ନିଜ କର୍ତବ୍ୟ ଓ ଉଦ୍ଦେଶ୍ୟ ପୂରଣକାରୀ ଥିଲେ । ଯେ ଧର୍ମକୁ ସାଂସାରିକତା ଉପରେ ପ୍ରାଥମିକତା ଦେବାରେ ନିଜ ଜୀବନ ଅତିବାହିତ କରି ଶେଷରେ ଅଲ୍ଲାଃଙ୍କ ଦରବାରରେ ହାଜର ହୋଇଗଲେ । ସେମାନଙ୍କ ମଧ୍ୟରୁ ପ୍ରଥମ ବ୍ୟକ୍ତିତ୍ୱ ଶହିଦ୍ ଭାଇ ଅଧ୍ୟାପକ ଜନାବ ଡ଼ାଃ. ଅଶଫାକ୍ ଅହେମଦ୍ ସାହେବ ଅଟନ୍ତି ଯାହାଙ୍କୁ ଗତ ଜୁମା ଦିନ ଶହିଦ୍ କରିଦିଆଗଲା । ସେ ଜନାବ ଶେଖ୍ ସୁଲତାନ ଅହେମଦ୍ ସାହେବ ଲାହୋର ନିବାସୀଙ୍କର ପୁତ୍ର ଥିଲେ । ୬୮ ବର୍ଷ ବୟସରେ ଜୁମା ନମାଜ

ପାଠ କରିବା ନିମନ୍ତେ ନିଜ କାରରେ ମସଜିଦ୍ ବୟତୁଲ୍ ତୌହିଦ୍ ଯାଉଥିବାବେଳେ ରାସ୍ତାରେ ଏକ ମୋଟର ସାଇକେଲ୍ ଚଳାଳି (ଅହେମଦି ବିରୋଧି) ଗୁଳି କରି ତାଙ୍କୁ ଶହିଦ୍ କରିଦେଲେ **ଇନ୍ନା ଲିଲ୍ଲାଃହି ଓ୍ୱ ଇନ୍ନା ଇଲୈହି ରାହେଉନ୍ ।**

ଶହିଦ୍ଙ୍କ ଖାନଦାନରେ ଅହେମଦିୟତ୍ ତାଙ୍କ ଦଦା ଜନାବ ଶେଖ୍ ଅବଦୁଲ୍ କାଦିର ସାହେବଙ୍କ ମାଧ୍ୟମରେ ପ୍ରବେଶ କରିଥିଲା । ଯେ ହଜରତ ମସିହ ମଉଦ ଆ.ସଙ୍କ ଲୁଧୟାନା ଆଗମନରେ ବୟତ କରି ଜମାଅତରେ ଅନ୍ତର୍ଭୁକ୍ତ ହୋଇଥିଲେ । ଶହିଦ୍ ଅଲ୍ଲାଃଙ୍କ କୃପାରୁ ମୁସି ଥିଲେ, ଖିଲାଫତ୍ ସହ ତାଙ୍କର ଅସୀମ ପ୍ରେମ ଥିଲା । ତହଜୁଦ୍ ପାଠ କରିବା, ଅତିଥି ସତ୍କାର, ଧର୍ମସେବା, କର୍ମକର୍ତାମାନଙ୍କ ଆଜ୍ଞାକାରୀ ତଥା ଉତମ ଚରିତ୍ର ସମ୍ପର୍ଣ ମଣିଷ ଥିଲେ । ଜମାଅତର ସେବା କାର୍ଯ୍ୟରେ ସର୍ବଦା ତତ୍ପର ଥିଲେ । ଧର୍ମ ପ୍ରଚାର କରିବାରେ ପ୍ରବଳ ଆଗ୍ରହ ଥିଲା । ସମସ୍ତଙ୍କ ସହ ମିଳାମିଶା ସ୍ୱଭାବ ଯୋଗୁଁ ଉଭୟ ଛାତ୍ର ତଥା ନିଜ ସାଥି ଅଧ୍ୟାପକ ସମସ୍ତଙ୍କର ପ୍ରିୟ ଥିଲେ । ନିଜ ସାଥି ଅଧ୍ୟାପକମାନଙ୍କୁ ଖାଇବା ନିମନ୍ତେ ଘରକୁ ନିମନ୍ତ୍ରଣ କରି ଜମାଅତର ବାର୍ତା ବେଶ୍ ସୁନ୍ଦର ଭାବରେ ଉପସ୍ଥାପନ କରୁଥିଲେ । ସେଥିପାଇଁ କେତେକ ସମୟରେ ଆପଣଙ୍କୁ ଧମକ ମଧ୍ୟ ମିଳୁଥିଲା କିନ୍ତୁ ଆପଣ ସେସବୁର କଦାପି ଖାତିର କରନ୍ତି ନାହିଁ ବରଂ କୁହନ୍ତି କି ଏସବୁ ସାଧାରଣ କଥା ଅଟେ । ପିଲାଦିନରୁ ଆପଣଙ୍କର ଜମାଅତର ସେବା କରିବା ପ୍ରତି ପ୍ରବଳ ଆଗ୍ରହ ଥିଲା । ଜମାଅତର ବ୍ୟବସ୍ଥା ମୂଳକ କାର୍ଯ୍ୟରେ ବିଭିନ୍ନ ସ୍ତରରେ ସେବା କରିବାର ସୁଯୋଗ ମିଳିଥିଲା । ସବଜା ଯାଇ ସାହିରେ ସଦର୍ ଓ ନାଏବ ଜଇମେ ଆଲାର କାର୍ଯ୍ୟଭାର ବେଶ୍ ସୁନ୍ଦର ଭାବରେ ତୁଲାଇବାର ଅବସର ମିଳିଲା । ଚଳିତ ବର୍ଷ ଆପଣ ସେକ୍ରେଟାରୀ ଦାଓ୍ୱତ୍ ଇଲ୍ଲାଃ ଇକବା୍ ଟାଉନ୍ ଲାହୋର ନିର୍ବାଚିତ ହୋଇ ନିଜର କର୍ତବ୍ୟ ଉତମ ରୂପେ ସମ୍ପାଦନ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ତାଙ୍କର ଭାଇ କୁହନ୍ତି- ଚତୁର୍ଥ ଖଲିଫାଙ୍କ ସମୟରେ ସେ ଏକ ସ୍ୱପ୍ନ ଦେଖିଥିଲେ, ତାହା ଏପରି ଥିଲା କି ଆମ ସାହି ମସଜିଦ୍ ଯାହାକି ଅଣଅହେମଦିମାନଙ୍କର ଅଟେ । ସେଠାରେ ଘୋଷଣା ହେଉଛି ଚତୁର୍ଥ ଖଲିଫାଙ୍କର କାଳ ହୋଇଗଲା ଏବଂ ଘରର ଚିଠି ବାକ୍ସରେ ଏକ ଛୁରୀ ପଡ଼ିଛି । ତେବେ ଯାହା ହେଉ ଗ.ଞ.ଇ ମାଧ୍ୟମରେ ହଜୁରଙ୍କର ଦେହାନ୍ତ ଖବର ଶୁଣି ଉକ୍ତ ସ୍ୱପ୍ନ ପୂରଣ ହେବା ସ୍ଥଳେ ସେ ଯେଉଁ ଛୁରୀ ଦେଖିଥିଲେ ତାହା ତାଙ୍କର ଶହିଦ୍ ହେବାର ଥିଲା । ସେ କୁହନ୍ତି ଆମ ଭାଇ ଆମଠାରୁ ବହୁ ଆଗକୁ ବଢିଗଲେ । ଶହିଦ୍ ହୋଇ ଖାନଦାନର ନାମ ଉଜ୍ୱଳ କରିଗଲେ ଏବଂ ଆମ୍ଭ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ଅଲ୍ଲାଃ ବୈକୁଣ୍ଠରେ ତାଙ୍କ ସ୍ତର ବୃଦ୍ଧି କରନ୍ତୁ । ତାଙ୍କର ଛ'ଜଣ ଭାଇ ଓ ଜଣେ ଭଉଣୀ ଅଛନ୍ତି ଏବଂ ସମସ୍ତେ (ପାକିସ୍ତାନ)ବାହାରେ ରୁହନ୍ତି ।

ଦ୍ୱିତୀୟ ମୃତକ ଶ୍ରୀମାନ ଏଚ୍. ନାସିରୁଦ୍ଦିନ ସାହେବ ମୁବଲିଗ୍ ପୂର୍ବ ଗୋଗାବରୀ ଭାରତଙ୍କର ଅଟେ । ଚଳିତ ମାସ ୭ ତାରିଖ ଦିନ ଗୋଦାବରୀ ନଦୀରେ ବୁଡ଼ିଯିବା ହେତୁ ୪୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା **ଇନ୍ନା ଲିଲ୍ଲାଃହି ଓ୍ୱ ଇନ୍ନା ଇଲୈହି ରାହେଉନ୍ ।** ଅଘଟଣ ଦିନ ସେ ଅମିର ସାହେବ ସିକନ୍ଦରାବାଦ ଓ ଜମାଅତର ସଦସ୍ୟମାନଙ୍କ ସହ ନମାଜ ଫଜର୍ ପାଠ କରି ନଦୀକୁ ଗାଧୋଇବାକୁ ଯାଇଥିଲେ । ସେ ବେଶ୍ ଉତମ ସଂନ୍ତରଣକାରୀ ମଧ୍ୟ ଥିଲେ । ସେଠାରେ ପହଁରିବା ବେଳେ ନିଖୋଜ୍ ହୋଇଗଲେ । ମାଛ ଧରାଳିମାନେ ଏକ ଘଣ୍ଟା ଖୋଜିବା ପରେ କୂଳରେ ତାଙ୍କର ମୃତ ଶରୀର ପାଇଥିଲେ । ତାଙ୍କ ପିତା ଜନାବ ଏ. ଶାଃଉଲ୍ ହମିଦ୍ ନିଜ ଅଂଚଳର ପ୍ରଥମ ଅହେମଦି ଥିଲେ ଏବଂ ତାଙ୍କ ଦ୍ୱାରା ସେଠାରେ ଜମାଅତର ପ୍ରତିଷ୍ଠା ହୋଇଥିଲା । ଆପଣଙ୍କ ମାତା ଶ୍ରୀମତି ଚେଲା କେରୋବିର ପ୍ରଥମ ଅହେମଦିମାନଙ୍କ ମଧ୍ୟରୁ ଥିଲେ । ସେ ୨୦୦୦ ମସିହାରେ ଜାମିୟା ଅହେମଦିୟା କାଦିଆନରୁ ଶିକ୍ଷା ଶେଷ କରି ଆନ୍ଧ୍ରା ଓ ତେଲେଙ୍ଗାନାର ବିଭିନ୍ନ ସ୍ଥାନରେ ସଫଳ ମୁବଲିଗ୍ ଭାବରେ ସେବା କରି ଆସୁଥିଲେ । ତାଙ୍କ ପତ୍ନୀ କୁହନ୍ତି- ଏପରି କେତେକ ସ୍ଥାନରେ ଆମକୁ ରହିବାକୁ ପଡ଼ିଛି ଯେଉଁଠାରେ କେବଳ ଜମାଅତ ସେଂଟର ଥିଲା ସେଠାରେ ସେ ମୋତେ ଓ ପିଲାମାନଙ୍କୁ ନେଇ ନମାଜ ଓ ଦରସ୍ ଦେଇଥାନ୍ତି ଏବଂ ଏହା ତାଙ୍କର ଦେହାନ୍ତର ଦିନେ ପୂର୍ବେ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ମୁରବୀ ଓ ମୁବଲିଗ୍ମାନଙ୍କୁ ଏଥିରୁ ଶିକ୍ଷା ହାସଲ କରିବା ଉଚିତ୍ ଯେ, ଯଦି ଲୋକେ ଦୂର ଦୂରାନ୍ତରରେ ରହୁଥାନ୍ତି ଏବଂ ନମାଜକୁ କେହି ଆସି ନପାରନ୍ତି ତେବେ ମଧ୍ୟ ନମାଜ ବାଜମାଅତ ପାଠ କରିବା ଉଚିତ୍ ଅର୍ଥାତ ନିଜ ଘର ଲୋକମାନଙ୍କୁ ଏକତ୍ର କରି ନମାଜ ପାଠ କରିବା ଉଚିତ୍ । ତାଙ୍କ ପତ୍ନୀ ଆହୁରି କୁହନ୍ତି କି ଆପଣ ମାରେଡ଼ିରେ ଥିବା ସମୟରେ ଏକଦା ପତ୍ରିକା ବଣ୍ଟନ ସମୟରେ ବିରୋଧୀମାନେ ଆପଣଙ୍କୁ ଧରିନେଇ ବହୁତ ମାଡ଼ ମାରିଲେ କିନ୍ତୁ କେବଳ ଅଲ୍ଲାଃଙ୍କ କୃପାରୁ ଆପଣ ସ୍ୱାସ୍ଥ ଫେରି ପାଇଥିଲେ । ତାପରେ ମୁଁ ତାଙ୍କୁ କହିଲି ଏଠାକାର ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି ତେଣୁ କାର୍ଯ୍ୟାଳୟକୁ କେରଳ ବଦଳି ହେବା ନିମନ୍ତେ ଦରଖାସ୍ତ ଦିଅନ୍ତୁ । କାରଣ ଏଠାରେ ଆପଣଙ୍କର ଅନେକ ଶତ୍ରୁ ହୋଇଗଲେଣି । ଏଥିରେ ସେ ଉତର ଦେଲେ ଠିକ୍ ଅଛି ମୁଁ ମରକଜ୍କୁ ପତ୍ର ଲେଖି ସମ୍ଭବତଃ ବଦଳି ହୋଇ ଚାଲିଯିବି କିନ୍ତୁ ଏଠାକାର ସ୍ଥାନୀୟ ଅହେମଦିଙ୍କର ବଦଳି କେଉଁଠାକୁ କରିବା । ସେମାନେ ତ ଶତ୍ରୁଙ୍କ ଗହଣରେ ରହିଯିବେ । ତେଣୁ ଶତ୍ରୁର ଡ଼ରରେ ଏଠାରୁ ଚାଲିଯିବା ଠିକ୍ ନୁହେଁ । ଆମ୍ଭକୁ ନିଜ ଜୀବନ ଉତ୍ସର୍ଗ କରିବାର ପ୍ରତିଜ୍ଞାକୁ ପୂରଣ କରିବାକୁ ହେବ । ଆମେ ନିଜକୁ ଉତ୍ସର୍ଗ କରିଛୁ ତେଣୁ କିଭଳି (ପ୍ରତିକୂଳ) ପରିସ୍ଥିତି ହେଉ ନା କାହିଁକି ଆମକୁ ତାହାର ସାମନା କରିବାର ଅଛି । ଯଦି ମୋତେ ଶହିଦ୍ ହେବାର ସୁଯୋଗ ମିଳେ ତେବେ ତା'ଠାରୁ ବଳି ସୌଭାଗ୍ୟ ଆଉ ବା କ'ଣ ହୋଇପାରେ । ସୁତରାଂ ଆମକୁ ଏଠାରେ ହିଁ ରହିବାର ଅଛି ।

ସେହିପରି ତାଙ୍କ ନମ୍ରତାର ଅବସ୍ଥା ଏପରିଥିଲା କି କଦାପି କୌଣସି ଆସବାବପତ୍ର କିଣି ନଥିଲେ । ସର୍ବଦା କୁହନ୍ତି ଆମେ ତ ଉତ୍ସର୍ଗୀ ଅଟୁ ଜମାଅତ ଯେଉଁଠାକୁ ପଠାଇବ ସେଠାରେ ପହଁଚିଯିବାର ଅଛି, ସେତେବେଳେ ଯେପରି ଏସବୁ ସାଜସଯ୍ୟା ଓ ଆସବାବ ପତ୍ର ଆଦେଶ ପାଳନ କରିବାରେ ବାଧକ ସାଜିନଯାଏ । ଜମାଅତ ଆମକୁ ଯାହା କିଛି ପ୍ରଦାନ କରିଛି ସେଥିରେ ହିଁ ଆମକୁ ଚଳିବାର ଅଛି । ହଜୁର ଅ.ବ କହିଲେ ଜଣେ ଉତ୍ସର୍ଗୀ ନିମନ୍ତେ ଏହା ଉଦାହରଣ ଅଟେ ।

ବିଗତ ବର୍ଷ ତାଙ୍କର ଅମଲାପୁରମକୁ ବଦଳି ହେଲା ସେଠାରେ ସେ ପିଲାମାନଙ୍କୁ କୋରନ ଶିଖାଇବାରେ ଏଭଳି ନୀୟମାନୁବର୍ତୀ ଥିଲେ ଯେ, ପ୍ରତିଦିନ ଏକ କିଲୋମିଟର ଚାଲିଚାଲି କିମ୍ବା ସାଇକେଲରେ ଯାଇ ପଢାଇ ଆସନ୍ତି । ଏହା ମଧ୍ୟ ମୁରବୀମାନଙ୍କ ପାଇଁ ନମୁନା ଅଟେ ।

ତାଙ୍କ ପତ୍ନୀ କୁହନ୍ତି- ଅତିଥି ସତ୍କାରର ଗୁଣ ତାଙ୍କ ମଧ୍ୟରେ ବେଶ୍ ଅଧିକ ଥିଲା । ସେ କୁହନ୍ତି ପିଲାମାନଙ୍କ ସ୍କୁଲ୍ ଛୁଟିରେ ଆମେ କେରଳ ଚାଲିଯାଉ । ମୋ ଅନୁପସ୍ଥିତିରେ ଯଦି କେହି ଅତିଥି ଆସି ପହଂଚନ୍ତି ତେବେ କଦାପି ବିରକ୍ତି ଭାବନା ପ୍ରକାଶ କରନ୍ତି ନାହିଁ ବରଂ ସର୍ବଦା ନିଜ ହାତରେ ଖାଇବା ତିଆରି କରି ଅତିଥିମାନଙ୍କୁ ଖୁଆଇଥାନ୍ତି । ଶହିଦ୍ ହେବାର ତାଙ୍କର ପ୍ରବଳ ଆଗ୍ରହ ଥିଲା । ସେ କୁହନ୍ତି- ବହୁବାର ହଜରତ ମୁସଲେହ୍ ମଉଦ ର.ଆ ଓ ନିଜ ପିତାଙ୍କୁ ସ୍ୱପ୍ନରେ ଦେଖନ୍ତି ଓ କୁହନ୍ତି ମୋ ପିତା ମୋତେ ଡ଼ାକୁଛନ୍ତି । ସେ ଯାହା ହେଉ ଏହା ମଧ୍ୟ ଏକ ପ୍ରକାରର ଶହିଦ୍ ଯେ ଧର୍ମ ସେବା କରିବା ଅବସ୍ଥାରେ ହିଁ ତାଙ୍କର ଦେହାନ୍ତ ହେଲା । ବହୁତ ଦୁଆକାରୀ, ତହଯୁଦ୍ ପାଠକାରୀ ତଥା ଧର୍ମ ପ୍ରଚାର କ୍ଷେତ୍ରରେ ଜଣେ ସାହାସୀ ଯୋଦ୍ଧା ଥିଲେ । ଅନେକ ଥର ବିରୋଧୀମାନେ ତାଙ୍କୁ ଧରି ବହୁତ ବାଡ଼ିଆ ମରା କରିଛନ୍ତି । ହଜୁର ଅ.ବ କହିଲେ- ଏକଦା ଜଲସା ଅବସରରେ କିଛି ଘଟଣା ଚର୍ଚ୍ଚା କଲାବେଳେ ମଧ୍ୟ ଖୁତବାରେ ମୁଁ ତାଙ୍କର ଘଟଣା ଚର୍ଚ୍ଚା କରିଥିଲି ଯେ, ଭୟଙ୍କର ଭାବରେ ତାଙ୍କୁ ବିରୋଧୀ ମୌଲବୀମାନେ ମାରିଥିଲେ ।

ବର୍ତମାନ ତାଙ୍କର ମା ପତ୍ନୀ ଓ ଦୁଇ ପୁଅଙ୍କ ବ୍ୟତୀତ ଦୁଇ ବଡ଼ ଭାଇ ଅଛନ୍ତି । ଜଣେ ଶ୍ରୀମାନ ସୋଲେମାନ ସାହେବ ପାଙ୍ଗାଡ଼ି କେରଳର ଅମିର ଅଛନ୍ତି ।

ଆଉ ଜଣେ ଏଚ. ଶମସୁଦ୍ଦିନ ସାହେବ ନଶରୋ ଇଶାଅତ୍ କାଦିଆନରେ ମଲୟାଲମ୍ ବିଭାଗରେ କାର୍ଯ୍ୟରତ ।

ତାଙ୍କ ସହ ମିସି ସେବା କରିବାର ସୁଯୋଗ ପାଇଥିବା ଜଣେ ମୁବଲିଗ୍ ନଓ୍ୱାବୁଲ୍ ଫତହା ଶାହିଦ୍ କୁହନ୍ତି ମୌଲନା ଏଚ୍. ନାସିରୁଦ୍ଦିନ୍ ସାହେବ ଜମାଅତର ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ପାଇଁ ସର୍ବଦା ତତ୍ପର ଥିଲେ । ସମସ୍ତଙ୍କୁ ବହୁତ ଭଲ ପାଉଥିଲେ । ଜ୍ଞାନୀ ଓ ଅମଲକାରୀ ମୁବଲିଗ୍ ଥିଲେ । କଦାପି ତହଯୁଦ୍ ପାଠରେ ଅବହେଳା କରୁନଥିଲେ । ପ୍ରତ୍ୟେକ ଦିନ ଜମାଅତର ତାଲିମ ଓ ତରବିୟତ କରିବା ତଥା ପ୍ରତି ଦିନ ଅଫିସ୍ କାର୍ଯ୍ୟ ନିମନ୍ତେ ସମୟ ଧାର୍ଯ୍ୟ ରଖିଥିଲେ। ଗୁରୁଜନମାନଙ୍କର ସମ୍ମାନ ଓ ପିଲାମାନଙ୍କୁ ଆଦର କରିବା ତାଙ୍କର ବିଶେଷ ଗୁଣ ଥିଲା । ପ୍ରତିଦିନ ଭ୍ରମଣ କରିବାକୁ ବାହାରିଯାନ୍ତି, ସ୍ୱଭାବରେ ଭୟ ଆଦୌ ନଥିଲ । ମୌଲାନା ସାହେବ କୁହନ୍ତି ବିରୋଧିମାନେ ମୋର କଣ କରିବେ । ତାଙ୍କର ଅନେକ ଅଣଅହେମଦିମାନଙ୍କ ସହିତ ପରିଚୟ ଥିଲା ଏବଂ ସେମାନଙ୍କ ସହ ବେଶ୍ ଖୁସିର ସହ ସାକ୍ଷାତ ମଧ୍ୟ କରନ୍ତି । ସେ ଆହୁରି ଲେଖିଛନ୍ତି ମୁଁ କଦାପି ତାଙ୍କୁ ଚିନ୍ତିତ କିମ୍ବା ବିରକ୍ତ ହେବାର ଦେଖି ନାହିଁ । ନିଜ ମୌଲିମ୍ ସାଥିମାନଙ୍କ ସହିତ ଉତମ ବ୍ୟବହାର କରିବା ସର୍ବଦା ସେମାନଙ୍କ ସୁବିଧା ଅସୁବିଧା ବୁଝିଥାନ୍ତି । ସମସ୍ତଙ୍କ ସହ ଏପରି ପ୍ରେମର ସହ ମିସନ୍ତି ଯେ କେହି ତାଙ୍କ ସହ ମିଳାବା ଅନ୍ତେ ତାଙ୍କୁ ନିଜର ମନ ପ୍ରାଣ ଦେଇ ବସିଥାଏ । ହଜରତ ମସିହ ମଉଦ ଆ.ସଙ୍କ ପୁସ୍ତକର ନିୟମିତ ଭାବରେ ଅଧ୍ୟୟନ କରୁଥିଲେ ଏବଂ ଏଥିପାଇଁ ନିର୍ଦ୍ଧିଷ୍ଟ ସମୟ ଧାର୍ଯ୍ୟ ମଧ୍ୟ କରିଥିଲେ । ଏଥିରୁ ପ୍ରତ୍ୟେକ ମୌଲମ୍ ଓ ମୁବଲିଗ୍ ଶିକ୍ଷା ହାସଲ କରିବା ଉଚିତ୍ । ପବିତ୍ର କୋରାନ ପାଠ କରିବା କଦାପି ଛାଡ଼ନ୍ତି ନାହିଁ । ପ୍ରତିଦିନ ଡ଼ାଏରି ଲେଖିଥାନ୍ତି । ସର୍ବଦା ଏହି ଚେଷ୍ଟାରେ ରହୁଥିଲେ କି ଖଲିଫା ଯାହା କହୁଛନ୍ତି, ମନେଦେଇ ତାହାକୁ ଶୁଣିବା ଏବଂ ତଦନୁଯାୟୀ ସମ୍ପୂର୍ଣ୍ଣ ରୂପେ ଅମଳ କରିବା । ତାହାର କୌଣସି ଭିନ୍ନ ବ୍ୟାଖ୍ୟା କରିବା ନାହିଁ ବରଂ ପ୍ରତ୍ୟେକ ଶବ୍ଦ ଉପରେ ଅମଳ କରିବାକୁ ଚେଷ୍ଟା କରୁଥିଲେ । ଉତ୍ସର୍ଗୀମାନଙ୍କୁ ଏହି ଗୁରୁତ୍ୱପୂର୍ଣ ଆପଣାଇବା ଉଚିତ୍ । ଖିଲାଫତ ସହ ଅସୀମ ପ୍ରେମ ଥିଲା । ହଜରତ ମହମ୍ମଦ ସ.ଆ ଓ ହଜରତ ମସିହ ମଉଦ ଆ.ସଙ୍କ ସହ ପ୍ରେମ ଭଲ ପାଇବା ଚରମ ସୀମାରେ ପହଁଚିଥିଲା । ଜଣେ ମୌଲମ୍ ଶ୍ରୀମାନ ଓ୍ୱଯିର ସାହେବ କୁହନ୍ତି ମୁଁ ସର୍ବଦା ତାଙ୍କୁ ଅତ୍ୟନ୍ତ ନମ୍ରତାର ସହ ନମାଜ ତହଯୁଦ ପାଠ କରିବା ଓ ପବିତ୍ର କୋରାନ ପାଠ କରିବାର ପାଇଛି । ଅତ୍ୟନ୍ତ ହସଖୁସି ବ୍ୟକ୍ତିତ୍ୱ ତଥା ଖଲିଫାଙ୍କ ସହ ବିଶେଷ ପ୍ରେମ କରିବା ମଣିଷଟିଏ ଥିଲେ । ବାଜମାଅତ ନମାଜ ପାଠ କରିବାର ସର୍ବଦା ଆୟୋଜନ କରନ୍ତି । ସରଳ, ଅତିଥି ସତ୍କାର, ଅଯଥା ଖର୍ଚ୍ଚ କରିବାରୁ ସର୍ବଦା ନିବୃତ ରୁହନ୍ତି । ଅଧ୍ୟୟନ କରିବା ପ୍ରତି ତାଙ୍କର ପ୍ରବଳ ଆଗ୍ରହ ଥିଲା । କୌଣସି କାର୍ଯ୍ୟକ୍ରମ କିମ୍ବା ଯାତ୍ରା କରିବା ସମୟରେ ଖୁଦାମମାନଙ୍କ ସହ ବସିବାର ସୁଯୋଗ ମିଳିଲେ, ଜମାଅତୀ ଆଲୋଚନା ତଥା ବିଶ୍ୱାସ ବର୍ଦ୍ଧକ ଘଟଣା ବଳୀର ଚର୍ଚ୍ଚା କରିଥାନ୍ତି । ଉତମ ଚରିତ୍ର ଯୋଗୁଁ ସମସ୍ତେ ଆପଣଙ୍କ ସହ ରହିବାକୁ ବହୁତ ପସନ୍ଦ କରୁଥିଲେ । ଅଲ୍ଲାଃ ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରିବା ସହିତ ତାଙ୍କ ପିଲାମାନଙ୍କୁ ଧର୍ଯ୍ୟ ପ୍ରଦାନ କରନ୍ତୁ ।

ଅନ୍ତିମ ଚର୍ଚ୍ଚା ରାଜଜେମା ଶ୍ରୀମତି ଅମତୁମ ଓ୍ୱହିଦ୍ ବେଗମ୍ ସାହେବାଙ୍କର ଅଟେ ଯେ ମିର୍ଜା ଖୁରଶିଦ୍ ଅହେମଦଙ୍କର ପତ୍ନୀ ଥିଲେ । ଚଳିତ ମାସ ୧୦ ତାରିଖ ରାତି ୧୦ ଘଟିକା ସମୟରେ ସେ ୮୨ ବର୍ଷ ବୟସରେ ଦେହତ୍ୟାଗ କଲେ **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ସେ ମିର୍ଜା ଶରିଫ୍ ଅହେମଦ ସାହେବଙ୍କର ସାନ ଝିଅ ଓ ମୋର ଫୁପି ଥିଲେ । ହଜରତ ମସିହ ମଉଦ ଆ.ସଙ୍କ ନାତୁଣି ଓ ହଜରତ ନଓ୍ୱାବ ମହମ୍ମଦ ଅଲ୍ଲୀ ଖାଁଙ୍କ ଝିଅଙ୍କର ଝିଅ ଥିଲେ । ଅପଣଙ୍କ ଅନ୍ତିମ ସଂସ୍କାର ବେହଶତି ମକବରା ରବଓ୍ୱାରେ ହେଲା । ତାଙ୍କର ନିକାଃ ୧୯୫୫ମସିହା ଡ଼ିସେମ୍ବର ମାସ ୨୬ ତାରିଖରେ ଦ୍ୱିତୀୟ ଖଲିଫା ପଢାଇଥିଲେ । ଅଲ୍ଲାଃତାଲା ଆପଣଙ୍କୁ ଛ'ଟି ପୁତ୍ର ପ୍ରଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ଚାରି ଜଣ ଜୀବନ ଉତ୍ସର୍ଗୀ ଅଟନ୍ତି । ଦୁଇ ଜଣ ଡ଼ାକ୍ତର ଯେ କି ଫଜଲେ ଉମର ଚିକିତ୍ସାୟରେ କାର୍ଯ୍ୟରତ । ଜଣେ ଟଷ.ଉକରି ଜମାଅତର ଶିକ୍ଷା ବିଭାଗରେ ଓ ଆଉ ଜଣେ ଓକିଲ ଭାବରେ ସଦର ଅଞ୍ଜୁମନ୍ ଅହେମଦିୟାରେ ମଶିରେ କାନୁନ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି । ସେ ୨୯ବର୍ଷ ଲଜନାମାନଙ୍କ ସେବା କରିବାରେ ଅତିବାହିତ କରିଛନ୍ତି ଯେଉଁଥିରେ ସେକ୍ରେଟାରୀ କଳା ଓ ବାଣିଜ୍ୟ ଏବଂ ଅତିରିକ୍ତ ସଦର ପ୍ରଥମ ମଧ୍ୟ ଥିଲେ । ନିଜ ଉଚ୍ଚ କର୍ମଚାରୀ ତଥା ସମ୍ପର୍କୀୟ କିମ୍ବା ନିଜଠାରୁ କମ୍ ବୟସ ଉଚ୍ଚ ପଦାଧୀକାରୀମାନଙ୍କ ଆଦେଶ ପାଳନ କରିବାରେ କଦାପି କୌଣସି ଫରକ୍ କରୁନଥିଲେ । ମୋ ପତ୍ନୀ କୁହନ୍ତି- ମୁଁ ଦୁଇ ବର୍ଷ ରବଓ୍ୱାରେ ସଦର ଲଜନା ଥିବା ବେଳେ ସେ ସେକ୍ରେଟାରୀ କଳା ଓ ବାଣିଜ୍ୟ ତଥା ଅତିରିକ୍ତ ସଦର ଥିଲେ ତାଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା । ସେ ସର୍ବଦା ହସଖୁସିର ସହିତ ତଥା ବେଶ୍ ନମ୍ରତା, ନିଷ୍ଠା ତଥା ଆଜ୍ଞାବହତାର ସହ ନିଜର କର୍ତବ୍ୟ ସମ୍ପାଦନ କରୁଥିଲେ । ତାଙ୍କ ସ୍ୱାମୀ କୁହନ୍ତି ସେ ଜଣେ ଉତ୍ସର୍ଗୀର ଜୀବନସଙ୍ଗିନୀ ହେବାର କର୍ତବ୍ୟ ନିଖୁଣ ଭାବରେ ସମ୍ପାଦନ କରିଛନ୍ତି । କଦାପି ମୋତେ କୌଣସି ଜିନିଷ ମାଗନ୍ତି ନାହିଁ । ପିଲାମାନଙ୍କ ପ୍ରଶିକ୍ଷଣ ପ୍ରତି ସର୍ବଦା ଯତ୍ନବାନ ଥିଲେ । ଯାହାର ପରିଣାମ ସ୍ୱରୂପ ଛ'ଜଣ ପୁତ୍ରଙ୍କ ମଧ୍ୟରୁ ଚାରି ଜଣ ଉତ୍ସର୍ଗୀ ଅଟନ୍ତି । ପୁଣି ନିଜ ସନ୍ତାନମାନଙ୍କ ସହିତ ଘରେ କାମ କରୁଥିବା କର୍ମଚାରୀଙ୍କ ପିଲାମାନଙ୍କର ମଧ୍ୟ ପ୍ରଶିକ୍ଷଣ କରନ୍ତି । ଯଦି କେହି ପବିତ୍ର କୋରାନ ପଢିବା ନଜାଣିଥାନ୍ତି ତେବେ ତାହାକୁ କୋରାନ ଶିଖାଇଥାନ୍ତି ।

ତାଙ୍କର ଜଣେ ନଣନ୍ଦ ଯେ କି ମୋର ଭାଉଜ ଅଟନ୍ତି ସେ ଲେଖିଛନ୍ତି- ଆମର ତାଙ୍କ ସହ ସମ୍ପର୍କ ଏପରି ଥିଲା ଯେମିତି ଜଣେ ମା'ର ତାହା ଝିଅ ସହିତ ଥାଏ । ମୋ ମାତାଙ୍କ ଦେହାନ୍ତ ପରେ ସେ ଆମ୍ଭ ସମସ୍ତଙ୍କର ଅନେକ କଥା ବୁଝିଥିଲେ । ଅନେକ ପିଲାମାନଙ୍କୁ ନିଜ ଘରେ ରଖି ପାଳିବା ତଥା ସେମାନଙ୍କ ସାଂସାରିକ ଓ ଧାର୍ମିକ ତାଲିମ ଓ ତରବିୟତର କଥା ବୁଝନ୍ତି । ତାଙ୍କର ସାନ ନଣନ୍ଦ ତାଙ୍କୁ ଏକଦା ପଚାରିଲେ କେତେ ବର୍ଷ ବୟସରେ ଆପଣ ତହଯୁଦ ପାଠ କରିବା ଆରମ୍ଭ କଲେ । ସେ ଉତର ଦେଲେ ୧୨ ବର୍ଷ ବୟସରୁ ମୁଁ ନିୟମିତ ତହଯୁଦ୍ ପାଠ କରି ଆସୁଅଛି । ଛ'ଜଣ ବୋହୁଙ୍କ ସହିତ ଅତି ସୁନ୍ଦର ବ୍ୟବହାର କରିବା ସହିତ ପ୍ରତ୍ୟେକଙ୍କୁ ନିଜ ଝିଅ ପରି ରଖିଥିଲେ ।

ମୋ ସାନ ଭଉଣୀ ଅମତୁଲ୍ କୁଦୁସ୍ ସାହେବା ଲେଖିଛନ୍ତି ମଣିଷର ଅମଳରେ ଉତ୍ଥାନ ପତନ ଲାଗିରହିଛି । କିନ୍ତୁ ସେ ପବିତ୍ର କୋରାନ ଓ ହଦିସ୍ ସହ ବେଶ୍ ଦୃଢତାର ସହ ଯଡ଼ିତ ଥିଲେ । ଉତମ କର୍ମ ଯେମିତି ତାଙ୍କ ସ୍ୱଭାବରେ ବସାବାନ୍ଧି ରହିଥିଲା । ଯେତେବେଳେ ଆମ ଶିକ୍ଷା ଓ ରୀତି ଭଙ୍ଗ ହେବାର କୌଣସି ଘଟଣା ଦେଖନ୍ତି ସେତେବେଳେ ଜଣେ ସ୍ପଷ୍ଟବାଦୀ ଭାବରେ ତାହାର ବିରୋଧ କରନ୍ତି । ତାଙ୍କ ପୁତ୍ର ଲେଖିଛନ୍ତି ଖିଲାଫତ୍ ପୂର୍ବରୁ ଆପଣଙ୍କ ସହ ଯେଉଁ ସମ୍ପର୍କ ଥିଲା । ଆପଣ ଖିଲାଫତ୍ ଆସନରେ ବିରାଜମାନ ହେବା ପରେ ମା' କହିଲେ ବର୍ତମାନ ପୁତୁରାର ସମ୍ପର୍କ ଶେଷ ହୋଇଗଲା କେବଳ ଖିଲାଫତ୍ର ସମ୍ପର୍କ ବାକି ରହିଗଲା । ସେ ଆହୁରି ଲେଖିଛନ୍ତି ଚତୁର୍ଥ ଖଲିଫାଙ୍କ ବିୟୋଗ ସମ୍ବାଦ ଶୁଣି ଆମେ ସମସ୍ତେ ନମାଜ ପାଠ ନିମନ୍ତେ ମସଜିଦ୍ ଯାଇଥିଲୁ । ତାଙ୍କୁ ମଧ୍ୟ ଏହାର ଆଘାତ ଲାଗିଥିଲା ଘରେ ମୋ ବଡ଼ ଭଉଜ ଉଚ୍ଚ ଶ୍ୱରରେ କାନ୍ଦିବାରୁ ମା କହିଲେ ଚୁପ୍ ହୁଅ । ବର୍ତମାନ ଜମାଅତ ଉପରେ ପରିକ୍ଷାର ସମୟ ଆସିଛି ଏବଂ ଆମ୍ଭ ପାଇଂ ଏହା ଦୁଆ କରିବାର ସମୟ ଅଟେ । ତେଣୁ ଦୁଆ କର ।

ସେ ରଜାଇ (କ୍ଷୀର ପାନ) ସମ୍ପର୍କର ବହୁତ ଯତ୍ନ କରନ୍ତି । ତେବେ ସେ ଏସମସ୍ତ ସୁଗୁଣର ଅଧିକାରୀ ଥିଲେ । ଅଲ୍ଲାଃ ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରେ ଏହି ସୁଗୁଣଗୁଡ଼ିକୁ ଅବ୍ୟାହତ ରଖନ୍ତୁ । ସେମାନେ ଖିଲାଫତ୍ର ବିଶ୍ୱସ୍ତ ହୁଅନ୍ତୁ ଏବଂ ଅଲ୍ଲା ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରନ୍ତୁ । ହଜୁର ଅନଓ୍ୱର ଅ.ବ କହିଲେ- ନମାଜ ଜୁମା ପରେ ମୁଁ ସେମାନଙ୍କ ଜନାଯାଃ ଗାଏବ ପାଠ କରିବି ।

## ଆଧ୍ୟାତ୍ମିକ ଜଗତର ବସନ୍ତ ଋତୁ ପବିତ୍ର ରମ୍‌ଜାନ୍ ଓ କରୁଣାର ଦ୍ୱାରା ୱକ୍‌ଫେ ଯଦିଦ୍

ଅଲ୍ଲାଃତାଲାଙ୍କ ଅସୀମ କୃପା ଓ ଦୟା ଯେ ରମ୍‌ଜାନ୍ ମାସ ପୁଣି ଥରେ ଆମ ଜୀବ ଦଶାରେ ନିଜର ବୈଭବ ଓ ଅନୁଗ୍ରହ ସହିତ ଆସୁଅଛି । ରମ୍‌ଜାନ୍ ମାସ ହେଉଛି ଆଧ୍ୟାତ୍ମିକ ଜଗତର ବସନ୍ତ ଋତୁ । ଏହା ପୁଣ୍ୟର ମାସ ଓ ନିଜର ଦୁର୍ବଳତା ଓ ତୃଟି ଗୁଡିକୁ ସୁଧାରିବା ପାଇଁ ଟ୍ରେନିଂର ମାସ । ଅଲ୍ଲାଃତାଲାଙ୍କ ସାନିଧ୍ୟ ଗ୍ରହଣ କରିବା ପାଇଁ ଓ ସଦ୍‌କାତ୍ ଓ ଖଏରାତ୍‌ର ମାସ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଆଧ୍ୟାତ୍ମିକ ମାସରୁ ନିଜ ସାମର୍ଥ୍ୟ ଅନୁସାରେ ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଏହି ପବିତ୍ର ମାସରେ ପ୍ରତ୍ୟେକ ପ୍ରକାରର ଉପାସନା (ଇବାଦତ୍) କରିବାର ସୁଯୋଗ ସହିତ ପ୍ରତ୍ୟେକ ପ୍ରକାରର (କୁର୍ବାନୀ) ବଳିଦାନ ଦେବାର ମଧ୍ୟ ଉଲ୍ଲେଖ ଅଛି । ତନ୍ମଧ୍ୟରୁ ମାଲି କୁର୍‌ବାନୀର ଏକ ପ୍ରକାର ଗୁରୁତ୍ୱ ଅଛି । ଏହି ମାସରେ ନବୀ କରିମ୍ ସ:ଆ:ସ ନିଜର ଅଂଟା ଭିଡ଼ି ଦିଅନ୍ତି । ଦୃତ ପବନର ସ୍ରୋତ ନିଜର ତେଜ ଦ୍ୱାରା ମଧ୍ୟ ଆପଣ ସ:ଆ:ସଙ୍କ ଦାନର ମୁକାବିଲା କରିପାରୁନଥିଲା ।

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ପରିପ୍ରେକ୍ଷୀରେ କହୁଛନ୍ତି:- ''ଯଦି ତୁମେ ଇସ୍‌ଲାମ୍‌ର ସାହାଯ୍ୟରେ ନିଜ ବଦାନ୍ୟତାର ହାତ ଉନ୍ମୁକ୍ତ କରିଦେବ ତେବେ ତୁମ ନିଜ ପାଇଁ ମଧ୍ୟ ପ୍ରକୃତିର ହାତ ପ୍ରକାଶ ହୋଇଯିବ । ଏହି ମାର୍ଗରେ ଖର୍ଚ୍ଚ କରିବା ଦ୍ୱାରା କେହି ଗରିବ ହୋଇଯାଏନାହିଁ । ଯଦି ସାହାସ ଜନ୍ମାଇବ ତେବେ ଖୁଦା ନିଜେ ହିଁ ସାହାଯ୍ୟକାରୀ ହୋଇଯିବେ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନ୍‌ସାର (ସାହାଯ୍ୟକାରୀ) ଙ୍କୁ ଦେଖ କିପରି ସେମାନେ କାର୍ଯ୍ୟ କଲେ । ଫଳତଃ ତୁମେ ଜାଣିପାରିବ ଯେ ଦୀନ୍‌ର ସାହାଯ୍ୟ କରିଲେ ଧନ ସମ୍ପତିର ସ୍ରୋତ ଜନ୍ମ ହୋଇଯାଏ । (ମଜ୍‌ମୁଆ ଇଶ୍‌ତେହାରାତ୍ ଖଣ୍ଡ-୨, ପୃଷ୍ଠା-୬୧୩ ଇଶ୍‌ତେହାରାତ୍ ସେପ୍ଟେମ୍ବର୍ ୧୯୦୩)

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃତାଲା ଏହି ପବିତ୍ର ମାସ ସମ୍ପର୍କରେ ଯମାତ୍‌ରେ ଲୋକମାନଙ୍କୁ କହୁଛନ୍ତି ଯେ-

''ଏ ମୋର ସ୍ନେହର ଭାଇମାନେ ଏ ମାସ ଆଶିର୍ବାଦକୁ ପ୍ରସାର କରିବାର ମାସ ଅଟେ । ଖୁଦା ଆକାଶରୁ ପୃଥିବୀକୁ କେବଳ ଏଥିପାଇଁ ଆସିଛି ଯେ ତାର ଭକ୍ତ ତା ସମ୍ମୁଖରେ କାନି ପତାଉ ଏବଂ ତାର କରୁଣା, ଦୟା, ଆଶିର୍ବାଦ ଓ ସାନିଧ୍ୟକୁ ପ୍ରାପ୍ତ କରୁ ଏବଂ ତାର ନୁର୍ (ଜ୍ୟୋତି)ରୁ ନିଜର ହୃଦୟକୁ ପ୍ରଜ୍ୱଳିତ କରୁ ।

ପୁଣି କହିଲେ ଯେ:-

''ଅଲ୍ଲାଃତାଲାଙ୍କ କରୁଣାର ବହୁତ ଗୁଡିଏ ଦ୍ୱାର ମଧ୍ୟରୁ ଗୋଟିଏ କରୁଣାର ଦ୍ୱାର ଯାହା ଆମ ପାଇଁ ଖୋଲା ଯାଇଛି ତାହା ୱକ୍‌ଫେ ଯଦିଦ୍‌ର ଦ୍ୱାର ଅଟେ । ଏହି ନିଜାମ୍ ଜରିଆରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଆମ ପାଇଁ ପୁଣ୍ୟ ଓ କରୁଣା ପ୍ରାପ୍ତ କରିବା ନିମନ୍ତେ ରାସ୍ତା ଖୋଲି ଦେଇଛନ୍ତି ।

**(ଖୁତ୍‌ବା ଜୁମା, ପ୍ରଦତ-୩୦ ଡିସେମ୍ବର୍ ୧୯୬୬)**

ଇନ୍‌ଶାଅଲ୍ଲାଃ ପୂର୍ବପରି ଏହି ବର୍ଷ ମଧ୍ୟ ରମ୍‌ଜାନୁଲ୍ ମୁବାରକ୍‌ର ଶେଷରେ ୱକ୍‌ଫେ ଯଦିଦ୍ ଚାନ୍ଦାକୁ ସମ୍ପୂର୍ଣ୍ଣ ରୂପେ ପଇଠ କରିଥିବା ବ୍ୟକ୍ତି / ଯମାତ୍ / ଜିଲାର ନାମ ଦୁଆ ନିମନ୍ତେ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ପବିତ୍ର ସେବାରେ ପଠାଇଦିଆଯିବ । ତେଣୁ ପ୍ରତ୍ୟେକ ୱକ୍‌ଫେ ଯଦିଦ୍‌ର ମୋଜାହିଦ୍ ଗଣଙ୍କ ନିକଟରେ ନିବେଦନ ଯେ ସେମାନେ ଏହି ପବିତ୍ର ମାସରେ ଉକ୍ତ ଚାନ୍ଦାକୁ ସମ୍ପୂର୍ଣ୍ଣ ରୂପେ ପଇଠ କରି ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗ୍ରହଣୀୟ ଦୁଆରୁ ଭାଗ ପାଇବାର ସୌଭାଗ୍ୟ ହାସଲ କରନ୍ତୁ । ତତ୍‌ସହିତ ସମସ୍ତ ଯମାତି ଓ୍ୱହଦାଦାର୍ ଓ ମୋବଲିଗ୍ ଓ ମୁଅଲ୍ଲିମ୍ କରାମ୍‌ଙ୍କୁ ନିବେଦନ କରାଯାଉଛି ଯେ ଏହି ପବିତ୍ର ମାସରେ ଚାନ୍ଦା ୱକ୍‌ଫେ ଯଦିଦ୍ ସମ୍ପୂର୍ଣ୍ଣ ରୂପେ ପଇଠି କରିଥିବା ବ୍ୟକ୍ତି ଓ ଯମାତ୍‌ର ସୁଚୀ ପଠାଯାଇଥିବା ଫରମ୍‌ରେ ପୁରଣ କରି ୨୫ ରମ୍‌ଜାନୁଲ୍ ମୋବାରକ ପର୍ଯ୍ୟନ୍ତ ଏହି ଦପ୍ତରକୁ ପଠାଇ ଦିଅନ୍ତୁ । ଯଜାକମୁଲ୍ଲାଃ

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ନିଜର ପ୍ରତିଶୃତି ଉପରେ ଧ୍ୟାନ ଦେଇ ଓ ନିଜର କର୍ତବ୍ୟକୁ ସାମର୍ଥ୍ୟ ଅନୁ ସାରେ ସମ୍ପାଦନ କରି ହଜୁର୍ ଅନୁଓ୍ୱର୍‌ଙ୍କର ଆଶାନୁରୂପ ବଢ଼ି ଚଢ଼ି କରି ଅଧିକର ଅଧିକ ୱକ୍‌ଫେ ଯଦିଦ୍‌ର ଟାର୍ଗେଟ୍‌କୁ ଶିଘ୍ର ପୁରଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ !

**(ନାଜିମ୍ ମାଲ୍ ୱକ୍‌ଫେ ଯଦିଦ୍ ଭାରତ)**

### ଦୁଆ ଦରଖାସ୍ତ

ମୋକରମ୍ ଇରାଦତ୍ ଖାନ୍ ସାହେବ୍ ସୁପୁତ୍ର ମୋକରମ୍ ସଖାବତ୍ ଖାନ୍ ସାହେବ ମରହୁମ୍ ଯମାତ୍ ଅହେମଦୀୟା ନରଗାଁ ନିବାସୀ ଦରଖାସ୍ତ କରି କହୁଛନ୍ତି ଯେ ୨୪/୦୪/୨୦୧୭ ଦିନ ନମାଜ ଜୋହର୍ ପରେ ମୋର ବାପା ମୋକରମ୍ ସଖାବତ୍ ଖାନ୍ ସାହେବଙ୍କ କାଳ ହୋଇଗଲା । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ !** ମୋର ବାପା ମୁସି ଥିଲେ । ଯମାତ ଅହେମଦୀୟା ନରଗାଁରେ ବହୁତ ଦିନ (୧୯୮୩ ରୁ ୨୦୧୬) ପର୍ଯ୍ୟନ୍ତ ସେକ୍ରେଟେରୀ ମାଲ୍‌ର ଖିଦ୍‌ମତ୍ କରି ଆସୁଥିଲେ । ସେହିପରି ୨୦୧୬ ରୁ ୨୦୧୭ ଏପ୍ରିଲ୍ ପର୍ଯ୍ୟନ୍ତ ସେକ୍ରେଟେରୀ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ରୂପେ ଖିଦ୍‌ମତ୍ କରିଆସୁଥିଲେ । ଆପଣ ପାଂଚବେଳା ନମାଜର ପାବନ୍ଦ ଥିଲେ ଓ ବହୁତ ସରଳ ଓ ପୁଣ୍ୟ ସ୍ୱଭାବର ଥିଲେ । ସେହିପରି ଅତିଥି ସତ୍କାର ଓ ଯମାତ୍‌ର ବହୁତ ସେବା କରି ଆସୁଥିଲେ । ଚାନ୍ଦାର ହିସାବ ଗୁଡିକ ସଠିକ୍ ରଖୁଥିଲେ । ଅଚାନକ୍ ତାଙ୍କର ମୃତ୍ୟୁରେ ମୁଁ ଏବଂ ମୋର ପରିବାର ବର୍ଗ ବହୁତ ଭାଙ୍ଗିପଡ଼ିଛୁ । ତେଣୁ ବଦରର ପାଠକ ଓ ପାଠିକା ଗଣଙ୍କୁ ଅନୁରୋଧ ଯେ ଦୁଆ କରନ୍ତୁ ଅଲ୍ଲାଃତାଲା ମୋ ବାପାଙ୍କୁ ଜନ୍ନତ୍‌ରେ ଉଚ୍ଚସ୍ଥାନ ପ୍ରଦାନ କରନ୍ତୁ ଓ ଆମ ସମସ୍ତଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ । ଆମିନ୍ !

• • • • • • • • • • • • •

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

• • • • • • • • • • • •

ପୃଷ୍ଠା-୮ର ଅବଶିଷ୍ଟାଂଶ......

କଠୋରପନ୍ଥୀତାର ଏକ ନୂଆ ଭୟାନକ ଯୁଗ ଆରମ୍ଭ ହୋଇଯିବ । ଏପରି ବିଧ୍ୱଂଶକାରୀ ଘୃଣ୍ୟ ଫଳ ସାମ୍ନାରେ କିଛି କରୋଡ଼ ଡଲାର୍‌ର କଣ ଅସ୍ତିତ୍ୱ ଅଛି ?

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା ନା କେବଳ ଆଜିର ମୁସଲ୍‌ମାନ ଦେଶଗୁଡ଼ିକ ପାଇଁ ବିପଦ ଅଛି ବରଂ ଏହାର ଆକାର ଏହାଠାରୁ ବହୁତ ଅଧିକ ଅଟେ । ଯେପରି ଆମେ ପ୍ୟାରିଶ୍, ବ୍ରେସେଲ୍‌ଜ ଏବଂ ଆମେରିକାରେ ଘଟିଥିବା ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ଦେଖି ସାରିଛେ । ଏହିପରି କାନାଡ଼ାରେ ମଧ୍ୟ ବିଗତ ଦୁଇ ବର୍ଷ ମଧ୍ୟରେ ଛୋଟ ଆକାରରେ ସନ୍ତ୍ରାସବାଦ ଘଟଣା ସାମ୍ନାକୁ ଆସିଛି ଯାହା ଆପଣମାନେ ସମସ୍ତେ ଜାଣିଛନ୍ତି । ନିଶ୍ଚିତ ରୂପେ କାନାଡ଼ା ଆରବ ଦେଶ ଗୁଡିକ ଠାରୁ ହଜାର ହଜାର ମାଇଲ୍ ଦୂରରେ ଅବସ୍ଥିତ କିନ୍ତୁ ଆମେ ଏହା ଜାଣିଛେ ଯେ ମୁସଲ୍‌ମାନ ଯୁବକମାନେ ସନ୍ତ୍ରାସବାଦ୍ ଗ୍ରୁପ୍‌ରେ ସାମିଲ୍ ହେବା ପାଇଁ ଶିରିଆ ଏବଂ ଇରାକ୍ ପହଂଚୁଛନ୍ତି । ସବୁଠାରୁ ବିପଦର ବିଷୟ ଏହା ଯେ କାନାଡ଼ା ସରକାରଙ୍କ ଗଣତି ମୁତାବକ ଶିରିଆ ଏବଂ ଇରାକ୍ ଯାଇଥିବା ଲୋକମାନଙ୍କ ମଧ୍ୟରେ କୋଡ଼ିଏ ପ୍ରତିଶତ ସ୍ତ୍ରୀ ଲୋକ ଅଛିନ୍ତି । ଏହାର ଅର୍ଥ ଏହା ଅଟେ ଯେ ସ୍ତ୍ରୀ ଲୋକମାନେ ନା କେବଳ ସନ୍ତ୍ରାସବାଦର ଶିକାର ହୋଇଛନ୍ତି ବରଂ ସେମାନେ ନିଜର ପିଲାମାନଙ୍କ ମୁଣ୍ଡକୁ ମଧ୍ୟ ବିଷରେ ଭରିଦେଉଛନ୍ତି । ଏପରି ସନ୍ତ୍ରାସବାଦ ଏବଂ କଠୋରପନ୍ଥୀଙ୍କ ସହିତ ମୁକାବିଲା କରିବା ପାଇଁ ଏହା ଜରୁରୀ ଅଟେ ଯେ ଆମକୁ ଏହାର କାରଣ ଓ ଚିହ୍ନଗୁଡ଼ିକର ଅନୁଧ୍ୟାନ କରିବାକୁ ପଡ଼ିବ । ବଡ଼ ଦୁଃଖର ବିଷୟ ଏହା ଅଟେ ଯେ ପାଶ୍ଚାତ୍ୟରେ ରହୁଥିବା ମୁସଲ୍‌ମାନଙ୍କ ଭିତରୁ ବହୁତଙ୍କୁ ପ୍ରକୃତ ଇସ୍‌ଲାମ୍‌ର ଜ୍ଞାନ ନାହିଁ ବା ଇସ୍‌ଲାମୀୟ ଶିକ୍ଷାର ମୂଳ ଜିନିଷର ବିଚାର ନାହିଁ । ତେଣୁ ତାଙ୍କର ଏହି ସନ୍ତ୍ରାସବାଦୀ କାର୍ଯ୍ୟକଳାପ କୌଣସି ବିଶ୍ୱାସ ବା ପ୍ରଥା ଦ୍ୱାରା ହୋଇନାହିଁ ବରଂ ସେମାନଙ୍କର ଅଜ୍ଞାନତା ଦୃଷ୍ଟିରୁ ହୋଇଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୋ ମତରେ ଅନ୍‌ଲାଇନ୍ ରାଡ଼ିକାଲିସ୍ ସେସନ୍ ବା ମସ୍‌ଜିଦ୍ ମାନଙ୍କର ଘୃଣାଭାବକ ଶିକ୍ଷା ଦେବା ଦ୍ୱାରା ବା କଠୋରପନ୍ଥୀ ଲିଟିରେଚର୍ ବଂଟାଯିବ ବ୍ୟତୀତ ପାଶ୍ଚାତ୍ୟରେ ରହୁଥିବା ମୁସଲ୍‌ମାନ ଯୁବକମାନେ କଠୋରପନ୍ଥୀକୁ ଗ୍ରହଣ କରିବାର ଏକ ବଡ଼ କାରଣ ହେଉଛି ତାଙ୍କ ଆର୍ଥିକ ପରସ୍ଥିତିର ଅବନ୍ନତି । ମୁସଲ୍‌ମାନ ଯୁବକମାନଙ୍କୁ ମଧ୍ୟରୁ ଗୋଟିଏ ବହୁତ ବଡ଼ ସଂଖ୍ୟା ଏପରି ଅଛି ଯେଉଁମାନେ ଡିଗ୍ରୀ ତ ନେଇସରିଛନ୍ତି କିନ୍ତୁ ନିଜର ଶିକ୍ଷା ମୁତାବକ ତାଙ୍କୁ ଚାକିରୀ ମିଳୁନାହିଁ । ସେଥିଯୋଗୁଁ ସେମାନେ ସମ୍ପୂର୍ଣ୍ଣ ରୂପେ ଅଲଗା ପଡ଼ିଯାଇଛନ୍ତି । ତେଣୁ ଏପରି ସାମାଜିକ ଚଳଣିର କଷ୍ଟ ଯୋଗୁଁ ସେମାନେ କଠୋରପନ୍ଥୀ ମୌଲବୀ ଓ ସନ୍ତ୍ରାସବାଦୀରେ ନିଯୁକ୍ତି ଦେଉଥିବା ବ୍ୟକ୍ତିଙ୍କର ଶିକାର ହୋଇଯାଉଛନ୍ତି । ତେଣୁ ଯଦି ଯୁବଗୋଷ୍ଠୀଙ୍କ ରୋଜଗାର ପାଇଁ ଉତମ ବ୍ୟବସ୍ଥା ଗ୍ରହଣ କରିଦିଆଯାଆନ୍ତା ଏବଂ ତାଙ୍କୁ ଚାକିରି ମିଳିଯାଆନ୍ତା ତେବେ ସେମାନେ ଦେଶକୁ ଶାନ୍ତିପ୍ରିୟ ଓ ସୁରକ୍ଷା ଦେବାପାଇଁ ମାଧ୍ୟମ ହୋଇଯାଆନ୍ତେ ।......

ଏହାପରେ ହଜୁର୍ ଅନୁଓ୍ୱର ଅ:ବ:ଅ ଏଠାରୁ ବିଦା ହୋଇ ମସ୍‌ଜିଦ୍ ବଇତୁନ୍ ନସିର୍ ପହଂଚିଲେ ଏବଂ ନମାଜ ମଗରିବ୍ ଓ ଇସା ନମାଜ୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

କ୍ରମଶଃ....

## ଜାମିଆ ଅହେମଦୀୟା କାଦିଆନ୍‌ରେ ନାମଲେଖା

ଜାମିଆ ଅହେମଦୀୟା କାଦିଆନ୍ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ସେହି ପବିତ୍ର ସଂସ୍ଥା ଅଟେ ଯେଉଁଥିରୁ ଏପର୍ଯ୍ୟନ୍ତ ଶହ ଶହ ଓ୍ୱଲେମା ଓ ମୋବଲିଗିନେକରାମ୍ ବିଦ୍ୟା ଅର୍ଜନ କରି ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଦୁନିଆର କୋଣ ଅନୁକୋଣରେ ପହଂଚାଇବାର ଦାୟିତ୍ୱ ବହନ କରିଚାଲିଛନ୍ତି । ସୟଦ୍‌ନା ହଜୁର ଅନୁଓ୍ୱର୍ ଅ:ବ:ଅ ଅନେକ ସମୟରେ ଅହେମଦୀ ଶିକ୍ଷାର୍ଥୀଙ୍କୁ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧର୍ମୀୟ ସଂସ୍ଥାରେ ଶିକ୍ଷା ଗ୍ରହଣ କରି ସିଲ୍‌ସିଲାର ସେବା କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଛନ୍ତି । ସୁତରାଂ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ନିର୍ଦ୍ଦେଶାନୁସାରେ ଅଧିକରୁ ଅଧିକ ଓ୍ୱାକିଫିନେ ନୌ ଏବଂ ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ଜାମିଆ ଅହେମଦୀୟାରେ ନାମଲେଖାଇ ଧର୍ମୀୟ ଶିକ୍ଷା ହାସଲ କରି ସିଲ୍‌ସିଲାର ଖିଦ୍‌ମତ୍ ପାଇଁ ନିଜକୁ ପେସ୍ କରିବା ଉଚିତ୍ । ତେଣୁ ସେହି ଶିକ୍ଷାର୍ଥୀମାନେ ଯିଏ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଚାହୁଁଛନ୍ତି ସେମାନେ ଓ୍ୱକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) ବିଭାଗ ସହିତ ସମ୍ପର୍କ କରନ୍ତୁ । ଏବଂ ଯଥା ଶିଘ୍ର ଜାମିଆ ଅହେମଦୀୟାର ନାମ ଲେଖା ଫର୍ମ୍ ପୂରଣ କରି ଓ୍ୱକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) କାର୍ଯ୍ୟାଳୟକୁ ପଠାନ୍ତୁ । ସୟଦ୍‌ନା ହଜୁର୍ ଅନୁଓ୍ୱର୍‌ଙ୍କ ମଞ୍ଜୁରୀରେ ଏହି ବର୍ଷର ଜାମଆ ଅହେମଦୀୟାରେ ନାମ ଲେଖାର କାର୍ଯ୍ୟକ୍ରମ ଅପ୍ରେଲ୍ ମାସଠାରୁ ଆରମ୍ଭ ହେଉଅଛି । ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଇଚ୍ଛୁକ ଶିକ୍ଷାର୍ଥୀ ମେଟ୍ରିକ୍ ଏବଂ +୨ ର ପରୀକ୍ଷା ଶେଷ କରି ଫଳ ବାହାରିବା ପୂର୍ବରୁ ମଧ୍ୟ ଅପ୍ରେଲ, ମଇ, ଜୁନ୍ ଓ ଜୁଲାଇ ମାସରେ କାଦିଆନ୍ ଆସି ଜାମିଆ ଅହେମଦୀୟାର ପ୍ରବେଶ ପରୀକ୍ଷା ଦେଇପାରିବେ । ମାଟ୍ରିକ୍ ଏବଂ +୨ ଫଳ ବାହାରିବା ପରେ ମାର୍କସିଟ୍ ଦାଖଲ କରିପାରିବେ । ନାମଲେଖା ପାଇଁ ସର୍ତାବଳୀ ନିମ୍ନରେ ଦିଆଗଲା-

**(୧)** ମେଟ୍ରିକ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ବୟସ ସୀମା ୧୭ ବର୍ଷ ଏବଂ +୨ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ୧୯ ବର୍ଷ ଅଟେ । ବୟସ ସୀମାରେ ହୁଫାଜ୍ (ଯେଉଁମାନେ କୋରାନ୍ ହିଫଜ୍ କରିଥିବେ) କରାମ୍‌ଙ୍କ ନିମନ୍ତେ କୋହଳ ହୋଇପାରିବ ।

**(୨)** ଜାମିଆ ଅହେମଦୀୟାରେ ନାମ ଲେଖା ପାଇଁ ନ୍ୟାସିନ୍ୟାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ଓ୍ୱକ୍‌ଫେ ନୌ ଭାରତ ଶିକ୍ଷାର୍ଥୀଙ୍କର ଇଂଟରଭ୍ୟୁ ଓ ଲିଖିତ ପରୀକ୍ଷା ନେବେ ଏବଂ ଜାମିଆ ଅହେମଦୀୟା ପାଇଁ ଚୟନ କରିବେ । ଲିଖିତ ପରୀକ୍ଷାରେ ପବିତ୍ର କୋରାନ୍, ଇସ୍‌ଲାମୀୟ ଅହେମଦୀୟତ, ଦୀନୀ ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ଜେନେରାଲ୍ ନଲେଜ୍ ସମ୍ପର୍କୀୟ ପ୍ରଶ୍ନମାନ ହେବ ।

**(୩)** ଲିଖିତ ପରୀକ୍ଷା ଓ ଇଂଟରଭ୍ୟୁରେ ସଫଳ ହୋଇଥିବା ଶିକ୍ଷାର୍ଥୀଙ୍କର ନୁର୍ ହସ୍‌ପିଟାଲ୍ କାଦିଆନ୍‌ରେ ମେଡିକାଲ୍ ଟେଷ୍ଟ୍ କରାଯିବ । ଲିଖିତ ପରୀକ୍ଷା, ଇଂଟରଭ୍ୟୁ ଓ ମେଡିକାଲ୍ ଟେଷ୍ଟରେ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ସୟଦ୍‌ନା ହଜୁର୍ ଅନୁଓ୍ୱର୍‌ଙ୍କ ମଞ୍ଜୁରୀ ଦ୍ୱାରା ଜାମିଆ ଅହେମଦୀୟାରେ ନାମ ଲେଖାଇ ଦିଆଯିବ ।

**(୪)** ଗ୍ରାଜୁଏସନ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାପାଇଁ ଅଗ୍ରାଧିକାର ଦିଆଯିବ ।

ଜିଲାଇ ଅମିର୍ ସାହେବ୍, ଅମିର୍ ଜମାତ୍, ସଦର୍ ଜମାତ୍, ମୋବେଲ୍ଲିଗିନ୍ ଏବଂ ମୁଅଲ୍ଲିମିନ୍‌କରାମ୍ ଙ୍କୁ ଅନୁରୋଧ କରାଯାଉଛି ଯେ ସିଲ୍‌ସିଲାର ସେବା କରିବା ପାଇଁ ଇଚ୍ଛୁକ ଓ ପୁଣ୍ୟ ପ୍ରତି ଢ଼ଳୁଥିବା ଶିକ୍ଷାର୍ଥୀମାନଙ୍କୁ ଚୟନ କରି ସେମାନଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ପ୍ରସ୍ତୁତି କରାନ୍ତୁ ଏବଂ ଯଥାଶିଘ୍ର ଏପରି ଶିକ୍ଷାର୍ଥୀଙ୍କ ନାମ ଲେଖା ଫର୍ମ୍ ପୁରଣ କରାଇ ଓ୍ୱକ୍‌ଫେ ନୌ ଭାରତ କାର୍ଯ୍ୟାଳୟକୁ ପଠାନ୍ତୁ ।

**ନାମଲେଖା ଫର୍ମ ଇମେଲ୍ ଦ୍ୱାରା ମଗାଇବା ପାଇଁ ଠିକଣା**

qdnwaqfenau@gmail.com
Incharge Waqf-e-Nau Department
Office Waqf-e-Nau India (Nazarat Taleem)
M.T.A Building, Civil Line, Qadian
Dist-Gurdaspur, Punjab, India (PIN-143516)
Contact :- 01872-500975, 9988991775

(ନାଜର୍ ତାଲିମ୍ ଏବଂ ସଦର୍ ନ୍ୟାସ୍‌ନାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ଓ୍ୱକ୍‌ଫେ ନୌ ଭାରତ)

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 18 MAY 2017 Issue No. 20

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

**ଯଦି ଦୁନିଆର ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ପ୍ରତ୍ୟେକ ଯୁଗରେ ନ୍ୟାୟର ସହିତ କାମ ନେଇଥାନ୍ତେ ତେବେ ଆଜି ଆମକୁ ଏପରି ଅଶାନ୍ତି ଭୋଗିବାକୁ ପଡ଼ିନଥାନ୍ତା । ନା ଦାଇଶ୍ ଓ ନା ଶିରିଆ ଓ ଇରାନ୍‌ର କଠୋରପନ୍ଥୀ ଗୋଷ୍ଠୀ ପ୍ରକଟ ହୋଇଥାନ୍ତେ । ଦୁଃଖର ସହିତ କହିବାକୁ ପଡୁଛି ଯେ ଦୁନିଆର କିଛି ବଡ଼ ଶକ୍ତି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନିଜର ଦାୟିତ୍ୱ ତୁଲାଇଲେ ନାହିଁ ବରଂ ଏପରି କୁଟନୀତି ଗ୍ରହଣ କଲେ ଯେଉଁଥିରେ କେବଳ ତାଙ୍କର ସ୍ୱାର୍ଥ ହିଁ ନିହିତ ଥିଲା ।**

# କାନାଡ଼ିଆନ୍ ପାର୍ଲିଆମେଂଟ୍‌ରେ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଐତିହାସିକ ହୃଦୟସ୍ପର୍ଶୀ ଭାଷଣ

ତା-୧୭ ଅକ୍ଟୋବର ୨୦୧୬ ରିଖ ଦିନ ହଜୁର ଅନୁଓ୍ୱର ଅ:ବ:ଅ କାନାଡ଼ାର ପାର୍ଲିଆମେଂଟ୍ ''ପାର୍ଲିଆମେଂଟ୍ ହିଲ୍''ରେ ପଦାର୍ପଣ କଲେ । ହଜୁର୍ ଅନୁଓ୍ୱର୍‌ଙ୍କୁ ପାର୍ଲିଆମେଂଟ୍‌ରେ ଭବ୍ୟ ସ୍ୱାଗତ କରାଗଲା । ପାର୍ଲିଆମେଂଟ୍‌ରେ ବିଭିନ୍ନ ସିନେଟ୍ ଓ ମିନିଷ୍ଟର୍ ହଜୁର୍‌ଙ୍କ ସହିତ ସାକ୍ଷାତ୍ କଲେ । ହଜୁର୍ ଅନୁଓ୍ୱର ପାର୍ଲିଆମେଂଟ୍‌ରେ ଦୁନିଆର ଅବସ୍ଥା ଏବଂ ଶାନ୍ତି ପ୍ରତିଷ୍ଠା ପ୍ରସଙ୍ଗରେ ବିଜ୍ଞତାପୂର୍ଣ୍ଣ ଭାଷଣ ପ୍ରଦର୍ଶନ କଲେ । ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣକୁ ଜ୍ଞାନୀ, ରାଜନିତୀଜ୍ଞ ଏବଂ ଜୀବନର ବିଭିନ୍ନ ବିଭାଗରେ ସମ୍ପର୍କ ରଖିଥିବା ଲୋକମାନେ ବହୁତ ପସନ୍ଦ କଲେ ଏବଂ ନିଜର ସୁନ୍ଦର ଭାବ ବ୍ୟକ୍ତ କଲେ । ହଜୁର୍ ଅନୁଓ୍ୱର୍‌ଙ୍କର ଉକ୍ତ ଦିନର କାର୍ଯ୍ୟାବଳୀ ବହୁତ ଇମାନ୍ ଅଫରୋଜ୍ ଥିଲା । ତେଣୁ ପାଠକଙ୍କ ନିମନ୍ତେ ଉକ୍ତ ଦିନର ସମ୍ପୂର୍ଣ୍ଣ କାର୍ଯ୍ୟାବଳୀ ଆସନ୍ତା କିଛି ଅଙ୍କରେ ଧାରାବାହିକ ରୂପେ ପ୍ରକାଶ କରାଯାଉଅଛି । (ଏଡ଼ିଟର୍)

## ସପ୍ତମ ଭାଗ
## (ହଜୁର୍ ଅନୁଓ୍ୱର୍‌ଙ୍କର ବଲକା ଭାଷଣ)

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ଆମେ ମୁସଲ୍‌ମାନ ଦେଶମାନଙ୍କ ମଧ୍ୟରେ ବର୍ତ୍ତମାନ ସମସ୍ୟାର ଅନୁଧ୍ୟାନ କରିବା ତେବେ ଆମେ ଏହି ସିଦ୍ଧାନ୍ତରେ ପଂହଚିବା ଯେ ଅତ୍ୟାଚାର ଖିଲାଫରେ ଏକତ୍ରିତ ହେବାର ନିମୟକୁ ଅଣଦେଖା କରାଯାଇଛି । ଯଦି ପଡ଼ୋଶୀ ଦେଶ ନିଜର ସ୍ୱାର୍ଥକୁ ପଛରେ ପକାଇ ନ୍ୟାୟର ସହିତ କାମ କରିଥାନ୍ତେ ତେବେ ବହୁତ ପୂର୍ବରୁ ଆମେ ଏହି ସମସ୍ୟାର ସମାଧାନ କରିପାରିଥାନ୍ତେ । ବର୍ତ୍ତମାନ ର ଅଶାନ୍ତ କାରଣ କେବଳ ମୁସଲ୍‌ମାନ ଦେଶ ନୁହଁନ୍ତି ବରଂ ଆମର ଏହି ଗ୍ଲୋବାଲ୍ ଭିଲେଜ୍‌ରେ ବସବାସ କରୁଥିବା ଅନ୍ୟଦେଶ ଗୁଡିକ ମଧ୍ୟ ଏହି ଅଶାନ୍ତି ପାଇଁ ଦାୟୀ ଅଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ଦୁନିଆର ବଡ଼ ବଡ଼ ଶକ୍ତି ପ୍ରତ୍ୟେକ ଯୁଗରେ ନ୍ୟାୟର ସହିତ କାମ କରିଥାନ୍ତେ ତେବେ ଆଜି ଆମକୁ ଏପରି ଅଶାନ୍ତ ପରିବେଶର ସାମ୍‌ନା କରିବାକୁ ପଡ଼ିନଥାନ୍ତା । ନା ଦାଇସ୍ ନା ଶିରିଆ ନା ଇରାନ୍‌ର କଠୋର ପନ୍ଥୀ ଗୋଷ୍ଠୀ ପ୍ରକାଶ ହୋଇଥାନ୍ତେ । ଦୁଃଖର ସହିତ କହିବାକୁ ପଡୁଛି ଯେ ଦୁନିଆର କିଛି ବଡ଼ ବଡ଼ ଶକ୍ତି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନିଜର ଦାୟିତ୍ୱ ତୁଲାଇ ନାହାନ୍ତି ବରଂ ଏପରି କୁଟନିତୀ ଗ୍ରହଣ କରୁଛନ୍ତି ଯେଉଁଥିରେ କେବଳ ନିଜର ସ୍ୱାର୍ଥ ନିହିତ ଅଛି । ଉଦାହରଣ ସ୍ୱରୂପ-କିଛି ପାଶ୍ଚାତ୍ୟ ଦେଶମାନଙ୍କର ଆଖି ସବୁବେଳେ ଆରବ୍ ଦେଶଗୁଡିକରେ ଉପଲବ୍ଧି ହେଉଥିବା ତେଲ ଭଣ୍ଡାର ଉପରେ ରହିଛି । ଏହି ବିଷୟ ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ ତାଙ୍କର ପଲିସି ଗୁଡିକୁ ପ୍ରଭାବିତ କରୁଛି । ଫଳତଃ ସେହି ଦେଶଗୁଡିକ ଆଗକୁ ହେବାକୁ ଥିବା ଫଳକୁ ଅଣଦେଖା କରି ବହୁତ ସଂଖ୍ୟାରେ ଆରବ ଦେଶଗୁଡିକୁ ହତିଆର ବିକୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ଯାହା କହୁଅଛି ତାହା କୌଣସି ନୁଆ କଥା ନୁହେଁ । ବରଂ ଏହା ବାସ୍ତବିକ୍ ଅଟେ । ଉଦାହରଣ ସ୍ୱରୂପ- ୨୦୧୫ ରେ ଏମିନ୍‌ଷ୍ଟି ଇଂଟର୍‌ନ୍ୟାସିନାଲ୍ ତରଫରୁ ପ୍ରକାଶ ହୋଇଥିବା ରିପୋର୍ଟ ମୁତାବକ 'କେତେ ଦଶକ ହେବ ହତିଆର ଗୁଡିକର ବିନା ଦ୍ୱନ୍ଦରେ ବ୍ୟବସାୟ ହେବା ଦ୍ୱାରା ଦାଇଶ୍‌ର କଠୋରପନ୍ଥୀ କାର୍ଯ୍ୟକଳାପକୁ ଜନ୍ମ ଦେଇଛି' । ଏହି ରିପୋର୍ଟ ମୁତାବକ ଅଧିକାଂଶ ହତିଆର ଯାହା ଦାଇଶ୍ ବ୍ୟବହାର କରୁଛି ତାହା ସବୁ ରୁଷ୍ ଏବଂ ଆମେରିକାରେ ବ୍ୟବହାର ହେଉଥିଲା ।....

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା ଏକ ବାସ୍ତବିକ ସତ୍ୟ ଅଟେ ଯେ ମୁସଲ୍‌ମାନ୍ ଦେଶଗୁଡିକ ନିକଟରେ ଏପରି ନୁଆ ହତିଆର୍ ବନାଇବା ପାଇଁ କୌଶଳ ଓ ଉନ୍ନତ ଫ୍ୟାକ୍ଟ୍ରି ନାହିଁ ଯାହା ମିଡ଼ିଲ୍ ଇଷ୍ଟ୍‌ରେ ବ୍ୟବହାର ହେଉଅଛି । ତେଣୁ ମୁସଲ୍‌ମାନ୍ ଦେଶ ଗୁଡିକରେ ଯେଉଁ ଯୁଦ୍ଧ ଅସ୍ତ୍ର ମାନ ବ୍ୟବହାର ହେଉଅଛି ତାହାର ଗୋଟିଏ ବଡ଼ ଭାଗ ବାହାରୁ ଆମଦାନୀ କରାଯାଉଛି । ଯଦି ବଡ଼ ଶକ୍ତିଗୁଡିକ ଏପରି ଅସ୍ତ୍ରର କିଣା ବିକାକୁ ବନ୍ଦ୍ କରିଦିଅନ୍ତି ଏବଂ ଏ କଥାକୁ ନିଶ୍ଚିତ କରନ୍ତି ଯେ ଯୁଦ୍ଧରେ ସାମିଲ୍ ହୋଇଥିବା ଦେଶ ଗୁଡିକ ବିଦ୍ରୋହି ଓ ସନ୍ତ୍ରାସବାଦ ଗୋଷ୍ଠୀଗୁଡିକୁ ଅସ୍ତ୍ରର ସପ୍ଲାଇ ଲାଇନ୍ କାଟି ଦିଅନ୍ତେ ତେବେ ଏହିପରି ଅବସ୍ଥାକୁ ଯଥାଶିଘ୍ର ଶେଷ କରି ଶେଷ କରି ଦିଆଯାଆନ୍ତା । ଉଦହାରଣ ସ୍ୱରୂପ ସମସ୍ତେ ଜାଣିଛନ୍ତି ଯେ ସାଉଦି ଆରବ୍ ୟମନ୍ ବିରୋଧରେ ଯେଉଁ ଅସ୍ତ୍ର ଗୁଡିକ ପାଶ୍ଚାତ୍ୟ ଦେଶରୁ କିଛି ବ୍ୟବହାର କରୁଛି ଯାହା ଦ୍ୱାରା ସ୍ତ୍ରୀ ଲୋକମାନେ ଓ ପିଲାମାନେ ଓ ହଜାର ହଜାର ନିରିହ ବ୍ୟକ୍ତିଙ୍କୁ ମାରି ଦିଆଯାଉଛି । ଫଳରେ ଭୟାବହ ପରିସ୍ଥିତି ସୃଷ୍ଟି ହେଉଛି । ଅସ୍ତ୍ରଶସ୍ତ୍ରର ଏପରି ବ୍ୟବସାୟର କଣ ଫଳ ହେବ ? ୟମନ୍‌ର ଲୋକମାନେ ଯେଉଁମାନଙ୍କର ଜୀବନ ଓ ଭବିଷ୍ୟତ ନଷ୍ଟ କରିଦିଆଯାଉଛି ସେମାନେ କେବଳ ସାଉଦି ଆରବ୍ ସହିତ ପ୍ରତିଶୋଧ ନେବାପାଇଁ ତାହା ଉପରେ ଘୃଣା କରିବେ ନାହିଁ ବରଂ ତାକୁ ଯିଏ ଅସ୍ତ୍ରଶସ୍ତ୍ର ଯୋଗାଉଛି ସାଧାରଣତଃ ପାଶ୍ଚାତ୍ୟ ଦେଶ ତାଙ୍କ ଉପରେ ମଧ୍ୟ ଘୃଣା କରିବେ । ତାଙ୍କର ଯୁଗଗୋଷ୍ଠୀଙ୍କ ପାଖରେ ଭବିଷ୍ୟତରେ କୌଣସି ଆଶା ନାହିଁ । ତେଣୁ ଏପରି ଅତ୍ୟାଚାରକୁ ଦେଖି ଏହି ଯୁଗଗୋଷ୍ଠୀ କଠୋର ପନ୍ଥୀ ଗୋଷ୍ଠୀ ଆଡ଼କୁ ଢ଼ଳିଯିବେ । ଏହିପରି ସନ୍ତ୍ରାସବାଦ ଓ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ....*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan